



*ପାଷ୍ଟର୍ ଟୋନୀ ଆଲାମୋ* | *ଦ ଆଲାମୋ ଖ୍ରୀଷ୍ଟିଆନ୍ ନେଶନ* | *ସଂସ୍କରଣ ୦୬୦୦୦*



ପାଷ୍ଟର ଟୋନୀ ଆଲାମୋ - ଫୋଟୋ ୧୯୮୬

# ଟୋନୀ ଆଲାମୋଙ୍କ ସାକ୍ଷ୍ୟ

## ଶୁଷ୍କ ଅସ୍ଥି

**ଲେଖକ**
**ଟୋନୀ ଆଲାମୋ**

**ପୁରାତନ ନିୟମର ଭାବବାଦୀ, ଯିହିଜିକଲ, ସଦାପ୍ରଭୁଙ୍କଠାରୁ ଏକ ଦିବ୍ୟଦର୍ଶନ ପାଇଲେ | ସେ ଏକ ଶୁଷ୍କ ଅସ୍ଥିର ଉପତ୍ୟକା ଦେଖିଲେ, ଯାହା ଇସ୍ରାଏଲ ଓ ବିଶ୍ୱ ଲୋକମାନଙ୍କ ଆତ୍ମାର ମୃତତୁଲ୍ୟ ଅବସ୍ଥାର ପ୍ରତୀକ ଥିଲା | ଏହି ଦିବ୍ୟଦର୍ଶନ, ଖ୍ରୀଷ୍ଟଙ୍କର ପ୍ରଥମ ଆଗମନ, ତାଙ୍କର ସୁସମାଚାର ପ୍ରଚାର ଓ "ସଦାପ୍ରଭୁଙ୍କ ବାକ୍ୟ"୧ ଉପରେ ଆସ୍ଥା ରଖିଥିବା ଲୋକମାନଙ୍କର ଅନନ୍ତ ଜୀବନକୁ ମୃତ୍ୟୁରୁ ପ୍ରଥମ ପୁନରୁଦ୍ଧାର ବିଷୟରେ ଭବିଷ୍ୟତବାକ୍ୟ କହୁଥିଲା |**

**ସଦାପ୍ରଭୁ, ଯିହିଜିକଲଙ୍କୁ କହିଲେ, "ହେ ମନୁଷ୍ୟସନ୍ତାନ, ଏହି ସକଳ ଅସ୍ଥି କି ସଜୀବ ହୋଇପାରେ? (ଯେଉଁମାନଙ୍କର ଆତ୍ମା ମୃତତୁଲ୍ୟ, ସେମାନଙ୍କର ଆତ୍ମା ଜାଗୃତ ହୋଇପାରିବ କି?) ଯିହିଜିକଲ ଉତ୍ତର ଦେଲେ,**

"ହେ ପ୍ରଭୁ, ସଦାପ୍ରଭୁ, ଆପଣ ତାହା ଜାଣନ୍ତି|"୨ ଭାବବାଦୀଙ୍କୁ ସଦାପ୍ରଭୁ ପୁଣି କହିଲେ, "ତୁମ୍ଭେ ଏହି ସକଳ ଅସ୍ଥିର ଉଦ୍ଦେଶ୍ୟରେ ଭବିଷ୍ୟଦ୍ ବାକ୍ୟ ପ୍ରଚାର କରି ସେମାନଙ୍କୁ କୁହ, ହେ ଶୁଷ୍କ ଅସ୍ଥିସକଳ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶୁଣ | ପ୍ରଭୁ ସଦାପ୍ରଭୁ ଏହି ସକଳ ଅସ୍ଥିକୁ ଏହି କଥା କୁହନ୍ତି; ଦେଖ, ଆମ୍ଭେ ତୁମ୍ଭମାନଙ୍କ ମଧ୍ୟରେ ପ୍ରାଣବାୟୁ ପ୍ରବେଶ କରାଇବା ଓ ତୁମ୍ଭେମାନେ ଜୀବିତ ହେବ |" ୩

ଇସ୍ରାଏଲ ଜାଣିଥିଲା , ତାହା ସମ୍ପୂର୍ଣ୍ଣ ରୂପେ ଉଚ୍ଛିନ୍ନ ହୋଇଅଛି |୪ ଆଜି ଦିନରେ ସେମାନେ ଆଶାହୀନ ଭାବେ ବିଭକ୍ତ ହୋଇଅଛନ୍ତି | କିନ୍ତୁ ସଦାପ୍ରଭୁ, ଯିହିଜିକଲଙ୍କୁ କହିଲେ ଯେ, ସେ, ପ୍ରଥମ ଇସ୍ରାଏଲ ତୁଳନାରେ, ଯାହା ପାପ କରିବା ତ୍ୟାଗ କରୁନାହିଁ, ଆଉଏକ ବିଶାଳ ରାଷ୍ଟ୍ରର ନିର୍ମାଣ କରାଇବେ | ଦ୍ୱିତୀୟ ଇସ୍ରାଏଲରେ ବିଶ୍ୱର ନାନାଦେଶୀୟ ଲୋକ ରହିବେ |୫ ତାହା ଅଳ୍ପ ଯିହୂଦୀ ଓ ଅନେକ ଅଣଯିହୂଦୀମାନଙ୍କର ରାଷ୍ଟ୍ର ହେବ, ଯେଉଁମାନେ ଯୀଶୁଙ୍କଠାରେ ନିଜ ପ୍ରତ୍ୟୟ ସ୍ଥାପନା କାରଣରୁ ଏକବଦ୍ଧ ହେବେ |୬ ଏହା ସେହି ଲୋକମାନଙ୍କର ମହାନ ଓ ପବିତ୍ର ରାଷ୍ଟ୍ର ହେବ, ଯେଉଁମାନଙ୍କର ଆତ୍ମା ପାପ କାରଣରୁ ହୋଇଥିବା ନିଜର ମୃତତୁଲ୍ୟ ଅବସ୍ଥାରୁ ଜାଗୃତ ହୋଇଛି |୭ ସେମାନେ ସଦାପ୍ରଭୁଙ୍କ ବିରୁଦ୍ଧରେ କେବେବି ବିଦ୍ରୋହ କରିବେ ନାହିଁ| ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଶକ୍ତି ଦ୍ୱାରା ଏହା ପ୍ରଥମ ପୁନରୁତ୍ଥାନ ଥିଲା |୮

୧୯୬୪ ମସିହାରେ, ମୋର ପ୍ରଥମ ପୁନରୁତ୍ଥାନ ପୂର୍ବରୁ, ମୁଁ, ବର୍ନୀ ହୋଫମ୍ୟାନ୍ ଓରଫ ଟୋନୀ ଆଲାମୋ, ପାପ ଓ ନାସ୍ତିକ ତଥା ଈଶ୍ୱରଙ୍କ ପ୍ରତି କୌଣସି ପ୍ରକାରର ଜ୍ଞାନଠାରୁ ଦୂରରେ ଥିବା ଲୋକ ଭାବେ ଖ୍ୟାତ ଥିଲି | ଈଶ୍ୱରଙ୍କ ଅସ୍ତିତ୍ୱ ଅଛି ବୋଲି ମୋର କୌଣସି ଧାରଣା ହିଁ ନଥିଲା | ଈଶ୍ୱରଙ୍କ ବାକ୍ୟ ସର୍ବଥା ମୋ ପାଇଁ କାଳ୍ପନିକ ଥିଲା | ଲୋକମାନେ କିପରି ଈଶ୍ୱର କିମ୍ବା ତାଙ୍କ ପୁତ୍ର ଉପରେ ବିଶ୍ୱାସ କରିପାରୁଛନ୍ତି, ତାହା ମୁଁ ବୁଝିପାରୁନଥିଲି | ଈଶ୍ୱରଙ୍କ ଉପରେ ବିଶ୍ୱାସ କରୁଛି ବୋଲି କହୁଥିବା ଲୋକକୁ ମୁଁ ବିଶ୍ୱାସ କରିପାରୁନଥିଲି, କାରଣ ସେମାନେ ଶଠ ଥିଲେ | ସେମାନେ, ମୋ ପରି କିମ୍ବା ମୋଠାରୁ ଅଧିକ ପାପ କରିଥିଲେ | ମୁଁ ତାହା ଜାଣିଥିଲି, କାରଣ ମୁଁ, ସେମାନଙ୍କ ସହିତ ବୁଲାବୁଲି କରୁଥିଲି | ଆମେ ସମସ୍ତେ ମୃତବତ୍ ଥିଲୁ, ଶୁଷ୍କ ଅସ୍ଥି ଥିଲୁ | ଯେକେହିବି ମୋତେ ଖ୍ରୀଷ୍ଟଧର୍ମରେ ପରିବର୍ତ୍ତିତ କରିବାକୁ ଚେଷ୍ଟା କରୁଥିଲା, ମୁଁ କ୍ରୋଧିତ ହୋଇଯାଉଥିଲି, କାରଣ ମୋ ପାଇଁ ବାଇବଲ, ସମୟର ଅପଚୟ ଥିଲା | ମୁଁ ଯେଉଁ ଜୀବନ ବଞ୍ଚୁଥିଲି, ତାହା ମୋତେ ଖେଳ କିମ୍ବା ପରୀ କାହାଣୀ ପାଇଁ ସମୟ ଦେଉନଥିଲା |

ମାର୍କେଟିଙ୍ଗ୍ ଇଣ୍ଡଷ୍ଟ୍ରୀରେ ମୁଁ #୧ ଥିଲି | ଅନେକ ବିଶ୍ୱ ପ୍ରସିଦ୍ଧ ଗାୟକ ଓ କଳାକାରମାନଙ୍କ କ୍ୟାରିଅର୍ କୁ ସଫଳ କରିବାରେ ମୋର ହାତ ଥିଲା ତଥା ଅନେକ ସୁଖ୍ୟାତ ଘରୋଇ ଉତ୍ପାଦର ସଫଳ ପ୍ରଚାର ମଧ୍ୟ ମୁଁ କରିଛି | ସେହି ସମୟରେ ମୋର ସବୁଠାରୁ ବଡ଼ ଦୁଃସ୍ୱପ୍ନ ଥିଲା, ଖ୍ରୀଷ୍ଟ ଧର୍ମରେ ପରିବର୍ତ୍ତିତ ହେବା, ରାସ୍ତା କଡ଼ରେ ଠିଆହୋଇ ଯୀଶୁଙ୍କ ବିଷୟକ ସୁସମାଚାର ପୁସ୍ତିକା ବାଣ୍ଟିବା, କୌଣସି ଦୁସ୍ଥ ମିଶନ୍‌ରେ ରହି ସୁସମାଚାର ପ୍ରଚାର କରିବା, ଭୋକିଲା ଲୋକମାନଙ୍କୁ ଖୁଆଇବା ପାଇଁ ବ୍ୟବସ୍ଥା କରିବା |

ଷାଠିଏ ଦଶକର ମଧ୍ୟଭାଗରେ ଏହି ଜଗତ ମୋତେ ଭଲ ଦେଖାଗଲା ନାହିଁ | ମୁଁ, ନିଶାଦ୍ରବ୍ୟ କିମ୍ବା ଘୃଣ୍ୟ ମାନସିକତାର ଲୋକମାନଙ୍କୁ ପସନ୍ଦ କରୁନଥିଲି | ହିପ୍ପୀ ଆନ୍ଦୋଳନକୁ ତଥା ସେମାନଙ୍କର ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ମୁଁ ସମ୍ପୂର୍ଣ୍ଣ ଭାବେ ନାପସନ୍ଦ କରୁଥିଲି| ମୁଁ ନିଜେବି କୌଣସି ସାଧୁ ନଥିଲି | ଯେପର୍ଯ୍ୟନ୍ତ ପରିବାର ଓ ପିଲାମାନଙ୍କ ସାମ୍ନାରେ କରାନଯାଇଥାଏ, ସେପର୍ଯ୍ୟନ୍ତ ଲୋକମାନେ କ'ଣ ପାପ କଲେ,

*(୨ ପୃଷ୍ଠାରେ ଜାରି)*

---

**୧** ଯିହି. ୩୬:୧, ୪ **୨** ଯିହି. ୩୭:୩ ମୂଳ. ଏବ୍ରୀ. ୩ ଯିହି. ୩୭:୪-୫ ମୂଳ. ଆରାମାଇକ ୪ ଯିହି. ୩୭:୧୧ ୫ ଆଦି. ୧୭:୪-୧୬, ୨୨:୧୮, ୨୬:୪, ୪୬:୩, ୪୮:୧୯, ୪୯:୧୦, ଯାତ୍ରା. ୧୯:୬, ୩୨:୧୦ ଗୀତ. ୨୨:୨୭, ଯିଶା. ୨:୨, ଯୋହ. ୧୧:୫୧-୫୨, ପ୍ରେରିତ. ୧୦:୩୪-୩୫, ଏଫି. ୧:୧୦, ଏବ୍ରୀ. ୮:୮-୧୨, ୧ ପିତ. ୨:୯-୧୦, ପ୍ର.ବା. ୫:୯, ୧୪:୬ ଓ ଆହୁରି ଅନେକ ୬ ଯୋହନ ୧୫:୧ ରୋମୀ. ୧୧:୧୭, ୧୯, ୨୩, ୨୪, ପ୍ର.ବା. ୭:୪ ୭ ୧ ପିତ. ୨:୯ ୮ ରୋମୀ. ୧୫:୧୨, ୧ କରି. ୧୫:୧୫, ୧୬, କଲ. ୨:୧୨, ୩:୧, ୧ ଥେସ. ୪:୧୬, ପ୍ର.ବା. ୨୦:୫-୬, ୯ ମାଥି. ୧୩:୩୯, ଅଧ୍ୟା. ୨୪, ୧ କରି. ୧୫:୨୪, ଏବ୍ରୀ ୯:୨୬, ୧

# ଟୋନୀ ଆଲାମୋଙ୍କ ସାକ୍ଷ୍ୟ

(୧ ପୃଷ୍ଠାରୁ ଜାରି)

ସେଥିସହ ମୋର କୌଣସି ସମ୍ପର୍କ ନଥିଲା | ମୋ ପାଇଁ ବିଶ୍ୱ ସମାପ୍ତ, ମୃତ, ଶୁଷ୍କ, ଘୃଣିତ ଓ ନିରସ ଥିଲା |୯ କୌଣସି ଜିନିଷର ଆଉ କିଛି ମୂଲ୍ୟ ନଥିଲା | ମୋ ପରି ବିଶ୍ୱର ଅନ୍ୟ ଲୋକମାନେ ଏହାକୁ ଭଲ ଭାବରେ ଜାଣିଥିବେ ତଥା ଏହି ବାସ୍ତବିକତାଠାରୁ ନିଜକୁ ଦୂରେଇ ରଖିବା ପାଇଁ ନିଶାଦ୍ରବ୍ୟ ସେବନ କରୁଥିବେ ବୋଲି ମୋର ବିଶ୍ୱାସ ଥିଲା | ଗୀର୍ଜା(ମଣ୍ଡଳୀ)ଗୁଡ଼ିକ ଶଠତାରେ ଭରି ରହିଥିଲା; ଏହା ସମସ୍ତେ ଜାଣିଛନ୍ତି ବୋଲି ମଧ୍ୟ ଜଣାପଡୁଥିଲା | ନିଜର ପାପରେ ସମଗ୍ର ବିଶ୍ୱ ମୃତବତ୍ ଥିଲା |୧୦ ବିଶ୍ୱ, ଯିହିଜିକଲ ଦେଖିଥିବା ପରି ଶୁଷ୍କ ଅସ୍ଥିର ଏକ ବିଶାଳ ଉପତ୍ୟକା ଥିଲା |୧୧

ଏକ ଅତ୍ୟନ୍ତ ଭୌତିକ ମାର୍ଗରେ, ବେଭେରୀ ହିଲ୍ସର ଅଫିସ୍‌ରେ ମୁଁ ଯୀଶୁଙ୍କ ସହିତ ସାକ୍ଷାତ କଲି| କେହି ବୋଧହୁଏ କେବେବି କଳ୍ପନା କରିପାରିବେନି, ମୁଁ କେତେ ଭୟଭୀତ ତଥାପି କେତେ ଖୁସି ଥିଲି, ଯେତେବେଳେ ସଦାପ୍ରଭୁ ମୋତେ ପ୍ରମାଣିତ କଲେ ଯେ, ତାଙ୍କର ଓ ତାଙ୍କ ପୁତ୍ରଙ୍କର ପ୍ରକୃତରେ ଅସ୍ତିତ୍ୱ ଅଛି| ତାଙ୍କର ପବିତ୍ର ଆତ୍ମାଙ୍କୁ ଅନୁଭବ କରି ମୁଁ ଉତଫୁଲ୍ଲିତ ହୋଇଗଲି ଓ ତାଙ୍କର ଶକ୍ତିଶାଳୀ ସ୍ୱର, ମୋ ଶରୀରର ଶିରା-ପ୍ରଶିରାରେ ଖେଳିଗଲା | ତାଙ୍କର ଉପସ୍ଥିତି ଗୌରବମୟ ଓ ଭବ୍ୟ ଥିଲା | ତାଙ୍କ ଶକ୍ତି ମୋତେ ଜୋର୍ ରେ ଦାବୁଥିଲା, ଯେପରି ସ୍ୱୟଂ ଈଶ୍ୱରଙ୍କ ହାତ| ଆଉ ତାଙ୍କ ଶବ୍ଦ ମୋତେ କହିଲା, "ନିଜ ପାଦରେ ଠିଆ ହୁଅ ଓ ଏହି ବଖରାରେ ଥିବା ଲୋକମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କୁହ ଓ ଏହା ମଧ୍ୟ କୁହ ଯେ, ସେ ପୁଣି ଧରାଭୂମିକୁ ଆସୁଛନ୍ତି, ନଚେତ୍ ତୁମର ମୃତ୍ୟୁ ସୁନିଶ୍ଚିତ |" ଯେତେବେଳେ ସଦାପ୍ରଭୁଙ୍କର ଆତ୍ମା ଅଫିସ୍ କୁ ଆସି ମୋ ଉପରେ ଚାପ ପକାଇଲା, ମୋତେ ତାଙ୍କର ଅକଥନୀୟ, ଅଦ୍ଭୁତ ସର୍ବଜ୍ଞାତାର ସଚେତନତା ପ୍ରାପ୍ତ ହେଲା |୧୨ ସେ ପ୍ରତ୍ୟେକ ଅଣୁ ଓ କଣିକାରେ ଥିଲେ | ସେ ବାୟୁରେ ଥିଲେ | ସେ, ଅତୀତର ସବୁକିଛି ଜାଣିଥିଲେ ଏବଂ ଭବିଷ୍ୟତରେ କ'ଣ ଘଟିବ ତାହା ମଧ୍ୟ ଜାଣିଥିଲେ |୧୩ ମୋତେ ଲଜ୍ଜା ଲାଗୁଥିଲା, କାରଣ ମୁଁ ଜାଣିଥିଲି ଯେ, ମୁଁ ଯାହାବି କିଛି କରିଛି ସେ ସମସ୍ତ ତାଙ୍କୁ ଜଣା | ତାହାପରେ ସେ, ସ୍ୱର୍ଗ ଓ ନର୍କର ଅସ୍ତିତ୍ୱ ଅଛି ବୋଲି ଦେଖାଇଲେ | ମୁଁ ଜାଣିଥିଲି ଯେ, ଯଦି ତାଙ୍କ କଥନକୁ ମୁଁ ପାଳନ ନକରୁଛି, ତେବେ ମୁଁ କେଉଁଠାକୁ ଯିବି...ଆଉ ତାହା ନିଶ୍ଚିତ ଭାବେ ସ୍ୱର୍ଗ ନୁହେଁ |

ଯଦିଓ ତାହା ମୋତେ ଭୟଭୀତ କରୁଥିଲା, ୧୪ ତଥାପି ଏହା ଜାଣି ଅତିଶୟ ଆନନ୍ଦ ଲାଗୁଥିଲା କି, ଈଶ୍ୱର ପ୍ରକୃତରେ ଅଛନ୍ତି ଓ ସେ ଜୀବିତ ଏବଂ ଭବିଷ୍ୟଦ୍ ବକ୍ତା ଓ ଯୀଶୁଙ୍କର ଶିଷ୍ୟମାନେ ଯାହାକିଛି ବି କହିଥିଲେ, ତାହା ସତ୍ୟ | ସେ, ସେହି ଦିନଠାରୁ ଆଦୌ ବଦଳି ନଥିଲେ, ଯେବେଠାରୁ ସ୍ୱର୍ଗ, ମର୍ତ୍ତ୍ୟ ଓ ତାହା ଉପରେ ସମସ୍ତ ଜିନିଷର ନିର୍ମାଣ କରିଥିଲେ|୧୫ ମୁଁ ତୁରନ୍ତ ଜାଣିପାରିଲି ଯେ, ମୁଁ ସର୍ବଦା ତାଙ୍କୁ ଭୟ କରିବି, ତାଙ୍କର ଗୁଣଗାନ କରିବି, ତାଙ୍କୁ ସମ୍ମାନ ଦେବି, ତାଙ୍କୁ ପ୍ରେମ କରିବି ଓ ତାଙ୍କର ସେବା କରିବି | ମୁଁ ଜାଣିଗଲି ଯେ, ମୁଁ ତାଙ୍କ ପାଇଁ ବଞ୍ଚିବି, ନିର୍ଯ୍ୟାତିତ ହେବି ଓ ତାଙ୍କ ପାଇଁ ମୃତ୍ୟୁବରଣ କରିବି ଏବଂ ସେସବୁ ମୁଁ ଅତ୍ୟନ୍ତ ଆନନ୍ଦର ସହ କରିବି |୧୬

ସେହି ଅଫିସ୍‌ରୁ ସଦାପ୍ରଭୁ ମୋତେ ମୁକ୍ତ କରିବା ପରେ ମୁଁ ତାଙ୍କୁ ପଚାରିଲି, "ମୁଁ କ'ଣ କରେ ବୋଲି ଆପଣ ଇଚ୍ଛା କରନ୍ତି? ଆପଣ ଯାହା କହିବେ, ମୁଁ ତାହା ହିଁ କରିବି |" ମୁଁ କୌଣସି ଉତ୍ତର ପାଇଲି ନାହିଁ, ତେଣୁ ମୁଁ ଅନୁମାନ କଲି, ସେ ଚାହୁଁଛନ୍ତି ମୁଁ ଗୀର୍ଜାକୁ ଯାଏ | ମୁଁ ଅନୁମାନ କଲି ଯେ, ଯେତେ ବଡ଼ ସେତେ ଭଲ; ତେଣୁ ମୁଁ ସେଠାକୁ ଗଲି, ହେଲେ ତାଙ୍କୁ ପାଇଲି ନାହିଁ | ତା'ପରେ ମୁଁ ଅନ୍ୟ ଗୀର୍ଜାକୁ ଗଲି, କିନ୍ତୁ ସେଠାରେ ମଧ୍ୟ ତାଙ୍କୁ ପାଇଲି ନାହିଁ | ତା'ପରେ ମୁଁ, ଲମ୍ବା ଦାଢ଼ି ଓ ଧାର୍ମିକ ବସ୍ତ୍ର ପରିଧାନ କରିଥିବା ବୁଦ୍ଧିମାନ ଓ ଈଶ୍ୱରୀୟ ସଦୃଶ ଦେଖାଯାଉଥିବା ଲୋକମାନଙ୍କର ଛବିଥିବା ପୁସ୍ତକମାନ ପଢ଼ିଲି, ହେଲେ ମୁଁ ଜାଣିଥିଲି ଯେ, ପୁସ୍ତକଗୁଡ଼ିକ ଭୁଲ୍ ଅଟେ, କାରଣ ସେଗୁଡ଼ିକରେ ଲେଖାଥିଲା କି, ସଦାପ୍ରଭୁଙ୍କୁ ଭୟ କରିବାର ଆବଶ୍ୟକତା ନାହିଁ |୧୭ ଈଶ୍ୱର ଲୋକମାନଙ୍କୁ ଭୟଭୀତ କରନ୍ତି ନାହିଁ, ଆଉ ଆପଣ ପାପ କରିପାରିବେ, ଯେଉଁଥିପାଇଁ ନର୍କକୁ ଯିବେନାହିଁ |୧୮ ମୁଁ ସେହିପରି ଈଶ୍ୱରଙ୍କ ବିଷୟରେ ଚିନ୍ତିତ ନଥିଲି; ମୋତେ ଭୟଭୀତ କରାଇଥିବା ଈଶ୍ୱରଙ୍କୁ ଖୋଜିବା ବିଷୟରେ ମୁଁ ଚିନ୍ତିତ ଥିଲି |୧୯ ସେହି ଈଶ୍ୱର, ଯିଏ ମୋତେ ସ୍ୱର୍ଗ ଓ ନର୍କର ଦର୍ଶନ କରାଇଥିଲେ | ସେ ମୋତେ ଏପରି କିଛି କରିବାକୁ ପ୍ରବର୍ତ୍ତାଇଥିଲେ, ଯାହା ଆଉ କେହି କରିପାରିନଥିଲେ, ଯାହାକିଛି ମୁଁ କେବେବି କରିବାକୁ ଚାହିଁନଥିଲି |

ମୁଁ କେବେବି ଭାବିନଥିଲି ବାଇବଲରେ ସତ୍ୟତା ମିଳିବ ବୋଲି, କାରଣ ସର୍ବତ୍ର ତାହାର ବହୁଳତା ଥିଲା| ମୁଁ ଅନୁଭବ କଲି ଯେ, ସାଧାରଣ ଲୋକ ଯାହାବି କିଛି କରୁଛନ୍ତି, ତାହାକୁ ଚାଲାକି କୁହାଯାଇପାରିବ ନାହିଁ, କାରଣ ମୋ ନଜରରେ ସବୁ ଲୋକ ମୂର୍ଖ ଥିଲେ | ମୁଁ ଶେଷରେ ବାଇବଲ ପଢ଼ିବା ଆରମ୍ଭ କଲି ଓ ସେଥିରେ ପରିତ୍ରାଣର ଯୋଜନା ସହ ଅନନ୍ତ ଜୀବନ ପାଇଁ ନିର୍ଦ୍ଦେଶ ପାଇଲି, ଯାହା ଖ୍ରୀଷ୍ଟଙ୍କଠାରେ କିପରି ବଢ଼ିବ ଓ ଆତ୍ମିକ ଭାବେ, ତାଙ୍କ ପାଇଁ କିପରି ପ୍ରମୁଖ ଆତ୍ମା ବିଜେତା ହେବ, କହୁଥିଲା | ୨୦

ଯେତେବେଳେ ମୁଁ ପ୍ରଥମେ ବାଇବଲ ପଢ଼ିବା ଆରମ୍ଭ କଲି, ବେଭେରୀ ହିଲ୍ସ ଅଫିସରେ ଅନୁଭବ କରିଥିବା ପରି ସଦାପ୍ରଭୁଙ୍କ ଚାପର ସମାନ ଶକ୍ତି ଅନୁଭବ କଲି | ତା'ପରେ ସଦାପ୍ରଭୁ ମୋତେ, ସ୍ୱର୍ଗ ଓ ନର୍କର ଅନ୍ୟ ଦର୍ଶନ କରାଇଲେ | ୨୧ ମୁଁ ସଦାପ୍ରଭୁଙ୍କୁ ଚିତ୍କାର କରି କହିଲି, "ହେ ପ୍ରଭୁ, ମୋତେ ନର୍କକୁ ପଠାନ୍ତୁ ନାହିଁ!" ତା'ପରେ ମୁଁ ସ୍ୱର୍ଗ ଦେଖିଲି ଓ ସ୍ୱର୍ଗର ଶାନ୍ତି ଅନୁଭବ କଲି|୨୨ ଯଦିଓ ମୁଁ ଆତ୍ମିକ ସ୍ତରରେ ଅନ୍ଧ, ନଗ୍ନ ଓ କ୍ଷୁଦ୍ର ଥିଲି, ମୁଁ ସଦାପ୍ରଭୁଙ୍କୁ କହିଲି, ଯଦି ମୁଁ ଚିରଦିନ ପାଇଁ ଏହି ସ୍ୱର୍ଗୀୟ ଶାନ୍ତିର ଅନୁଭବ କରିବାର ସୌଭାଗ୍ୟ ପ୍ରାପ୍ତ କରିପାରେ, ତେବେ ମୁଁ ସେହିପରି ଅନ୍ଧ, ନଗ୍ନ ଓ ନଗଣ୍ୟ ରହିବାକୁ ଇଚ୍ଛା କରିବି | ମୁଁ ଆଉଥରେ ନର୍କ ଦେଖିଲି ଏବଂ କ୍ଷମା ଓ ଦୟା ପାଇଁ ପୁଣି ସଦାପ୍ରଭୁଙ୍କୁ ଚିତ୍କାର କରି କହିଲି | ତହିଁ ଉତ୍ତାରେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ଶକ୍ତି ମୋ ନଶ୍ୱର ଶରୀରରେ ପ୍ରବେଶ କଲା |୨୩ ଯୀଶୁଙ୍କଠାରେ ମୋର ପ୍ରତ୍ୟୟ ଏବଂ ମୋ ପାଇଁ ସେ ଦେଇଥିବା ରକ୍ତ ଦ୍ୱାରା ତଥା ଈଶ୍ୱରଙ୍କ ବାକ୍ୟରେ ମୋର ବିଶ୍ୱାସ ଦ୍ୱାରା, ଯାହା ମୁଁ ଶୁଣିଥିଲି ଓ ପାଳନ କରିଥିଲି,୨୪ ମୁଁ କରିଥିବା ପ୍ରତ୍ୟେକ ପାପ ମୋ ହୃଦୟରୁ ଚାଲିଯିବାର ମୁଁ ଅନୁଭବ କଲି |୨୫ ମୁଁ ସ୍ୱଚ୍ଛ ଓ ପବିତ୍ର ଅନୁଭବ କଲି |୨୬ କିଛି ବହୁତ ଭଲ ମୋ ସହିତ ଘଟିଥିଲା ଏବଂ ତାହା ଯୀଶୁ ଖ୍ରୀଷ୍ଟ, "ଇସ୍ରାଏଲର ପବିତ୍ର ଆତ୍ମା"ଙ୍କ୨୭ ଦ୍ୱାରା ମୋ ପାଇଁ କରାଯାଇଥିଲା| ପାପରୁ ମୁକ୍ତ ହୋଇ ଓ ଏହି ନୂତନ ଶକ୍ତି ପ୍ରାପ୍ତ କରି, ଯାହା ମୋତେ ପାପ କରିବାରୁ ଦୂରେଇ ରଖୁଥିଲା, ମୁଁ ଏତେ ଆନନ୍ଦ ଅନୁଭବ କଲି ଯେ, ସମଗ୍ର ବିଶ୍ୱକୁ

---

ପିତ. ୪:୭ ୧୦ ଏଫି. ୨:୧, ୫, କଲ. ୨:୧୩, ୧୧ ଯିହି. ୩୭:୧ ୧୨ ଗଣ. ୨୪:୧୬, ୧ ଶାମୁ. ୨:୩, ଆୟୁ. ୨୧:୨୨, ଗୀତ. ୩୨:୮, ହିତୋ. ୨:୬, ୩:୨୦, ୯:୧୦, ଲୂକ ୧:୭୭, ରମୀ. ୧୧:୩୩, ୧କରି. ୧:୨୫, ୨:୧୬, ୩:୧୯, ୨ କରି. ୪:୬ ୧୩ ଗୀତ. ୪୪:୨୧, ୯୪:୧୧, ଯିଶା. ୪୬:୯-୧୦, ୧ କରି. ୩:୨୦, ୧ ଯୋହ. ୩:୨୦,



ଆଲାମୋ ଗୀର୍ଜା ଅନଲାଇନ୍

alamoministries.com

---

ପ୍ର.ବା. ୨୧:୬, ୨୨:୧୩ ୧୪ ଆଦି. ୩୫:୫ ଲେବୀ. ୨୬:୧୬, ଆୟୁ ୩୧:୨୩, ଯିରି. ୩୨:୨୧, ଯିହି. ୩୨:୩୨, ୨କରି. ୫:୧୧ ୧୫ ଆଦି. ୧:୧, ମଲା. ୩:୬, ପ୍ରେରି. ୪:୨୪, ୨ କରି. ୫:୧୧, ଏବ୍ରୀ. ୧୩:୮ ୧୬ ଗୀତ. ୫:୧୧, ୩୫:୧୯, ଯିଶା. ୫୧:୧୧, ୬୧:୧୦, ଯୋହ. ୧୬:୩୩, ପ୍ରେରି. ୨:୨୮, ୨୦:୨୪, ରୋମୀ. ୧୨:୮, ୧୫:୧୩, ୨ କରି. ୮:୧୨ ୧୭ ଆଦି. ୨୨:୧୨, ଗୀତ. ୧୧୨:୧, ହିତୋ. ୧୩:୧୩, ୧୪:୧୬, ୨୮:୧୪, ୩୧:୩୦, ଉପ. ୭:୧୮ ୧୮ ହିତୋ. ୮:୩୬, ଯିହି. ୧୮:୨, ୪, ପ୍ର.ବା. ୧୯:୨୦, ୨୦:୧୦, ୧୪, ୧୫, ୨୧:୮ ୧୯ ଆଦି. ୨:୧୭, ୬:୭, ୯, ୧୩, ଯାତ୍ରା. ୨୦:୫, ୩୨:୩୩, ୩୪:୭, ଯିହି. ୩:୧୮, ୧୮:୨୦, ମାଥି. ୮:୧୨, ୨୨:୧୩, ମାର୍କ. ୧୬:୧୬, ପ୍ର.ବା. ୨:୫, ୧୬, ୨୨-୨୩, ୩:୩, ୨୦:୧୫ ୨୦ ଯୋହ. ୪:୩୫-୩୬, ୧୫:୫, ୮, ୧୫-୧୬, ପ୍ର.ବା. ୧୪:୧୮ ୨୧ ଯିଶା. ୫:୧୪, ୧୪:୯, ଲୂକ ୧୬:୨୨-୩୧, ପ୍ରେରି ୭:୫୫-୫୬, ପ୍ର.ବା. ୪:୧-୧୧, ୧୪:୧୦-୧୧, ୧୫:୧-୪, ୨୦:୧୦, ୨୧:୨-୫, ୧୦-୨୭, ୨୨:୧-୫ ୨୨ ରୋମୀ. ୫:୧, ଏଫୀ. ୨:୧୪, ଫିଲି. ୪:୭, କଲ. ୩:୧୫, ୧ ଥେସ. ୫:୨୩, ୨ ଥେସ. ୩:୧୬ ୨୩ ଲେବୀ. ୨୬:୧୧-୧୨, ଯୋହ. ୧୪:୧୬, ୨ କରି. ୬:୧୬, ୧ ପିତ. ୨:୫, ୧ ଯୋହ ୩:୨୪ ୨୪ ହବକ୍. ୨:୪, ମାଥି. ୧୭:୨୦, ଲୂକ ୭:୫୦, ପ୍ରେରି. ୨୦:୨୧, ୨୬:୧୮, ରୋମୀ. ୧:୧୭, ୩:୨୮, ୫:୨, ୧୦:୧୭, ୧୧:୨୦, ଗାଲା. ୨:୧୬, ୩:୧୧, ଏଫି. ୨:୮, ୩:୧୭, ଏବ୍ରୀ. ୧୦:୩୮ ୨୫ ମାର୍କ ୧୪:୨୪, ଯୋହ. ୬:୫୩, ପ୍ରେରି. ୨୦:୨୮, ରୋମୀ. ୩:୨୫, ୫:୯, ଏଫି. ୧:୭, ୨:୧୩, କଲ. ୧:୧୪, ୨୦, ଏବ୍ରୀ. ୯:୧୨, ୧୪, ୨୨, ୧ ପିତ. ୧:୧୮-୧୯, ପ୍ର. ବା. ୧:୫, ୫:୯, ୨୬

ଏହି କଥା କହିବାକୁ ଚାହିଁଲି, ଯେଉଁଥିରୁ ସେମାନେ ମଧ୍ୟ ତାଙ୍କୁ (ସଦାପ୍ରଭୁଙ୍କୁ) ଜାଣିପାରିବେ ଓ ଅନନ୍ତ ଜୀବନ ପ୍ରାପ୍ତ କରିପାରିବେ |

୧୯୬୪ ମସିହାରୁ ଖ୍ରୀଷ୍ଟଙ୍କ ସେବାରେ ରହିବା ପରେ ମଧ୍ୟ, ପ୍ରତ୍ୟେକ ଥର ଯେତେବେଳେ ମୁଁ ବାଇବଲ ପଢ଼େ, ଦିନେ ଅତ୍ୟନ୍ତ ଶୁଷ୍କ ଥିବା ଏହି ଅସ୍ଥିଗୁଡ଼ିକକୁ ସ୍ୱର୍ଗରୁ ଆତ୍ମିକ ସାର (ମଜ୍ଜା) ଝରୁଥିବାର ମୁଁ ଅନୁଭବ କରେ | ଈଶ୍ୱରଙ୍କ ବାକ୍ୟ, ଦିନେ ଶୁଷ୍କ ଥିବା ଏହିସବୁ ଅସ୍ଥି ଚାରିପଟେ ଆତ୍ମିକ ମାଂସପେଶୀ ସ୍ଥାପନ କରି ଆତ୍ମିକ କବଚ ସ୍ୱରୂପ ମାଂସ ଓ ଚର୍ମ ସହିତ ଆଚ୍ଛାଦିତ କରିଥିଲା | ସଦାପ୍ରଭୁଙ୍କ ପ୍ରତ୍ୟେକ ବାକ୍ୟ, ଖ୍ରୀଷ୍ଟଙ୍କୁ ମୋ ହୃଦୟରେ ଅଧିକରୁ ଅଧିକ ରୋପିତ କରିଥିଲା | ପବିତ୍ର ଆତ୍ମାଙ୍କ ଶ୍ୱାସକୁ ମୋ ହୃଦୟରେ ସ୍ପନ୍ଦିତ ହେଉଥିବାର ଏବେ ସୁଦ୍ଧା ମୁଁ ଅନୁଭବ କରୁଛି, ଯାହା ସେହି ଅଗ୍ନିବାଣଗୁଡ଼ିକର ସମ୍ମୁଖୀନ ହେବାକୁ ମୋତେ ଶକ୍ତି ଦେଉଥିଲା, ଯାହା ଏତେ ବର୍ଷ ପର୍ଯ୍ୟନ୍ତ ଶୟତାନ୍ (ସଇତାନ) ମୋ ଉପରେ ଚଲାଉଥିଲା | ମୁଁ ଏହା ପ୍ରତ୍ୟେକ ଦିନ ଅଧିକରୁ ଅଧିକ ଜାଣିପାରେ ଯେ, ଯୀଶୁ ଖ୍ରୀଷ୍ଟଙ୍କଠାରେ "ଆମ୍ଭେମାନେ ସର୍ବୋତଭାବେ ବିଜୟୀ ଅଟୁ |"୨୮ ଏବଂ ଆମେ "ପ୍ରଭୁଙ୍କଠାରେ ପୂର୍ଣ୍ଣତା ପ୍ରାପ୍ତ କରିଅଛୁ" |୨୯ ମୁଁ ଏହା ମଧ୍ୟ ଜାଣେ ଯେ, ଯୀଶୁଙ୍କର ପ୍ରତ୍ୟେକ ବାକ୍ୟ ପାଳନ କରିବା କେତେ ମହତ୍ୱପୂର୍ଣ୍ଣ, ଯିଏ ସ୍ୱର୍ଗାରୋହଣର କିଛି ସମୟ ପୂର୍ବରୁ କହିଥିଲେ, "ତୁମ୍ଭେମାନେ ସମୁଦାୟ ଜଗତକୁ

*(୮ ପୃଷ୍ଠାରେ ଜାରି)*

ଏବ୍ରୀ. ୧୦:୧୯-୨୨, ୧ ଯୋହ. ୧:୧୭, ପ୍ର.ବା. ୧:୫, ୭:୧୪ ୨୭ ଗୀତ. ୮୯:୧୮, ପ୍ରେରି. ୩:୧୩-୧୪ ୨୮ ରୋମୀ. ୮:୩୭, ୧ ଯୋହ. ୪:୩-୪ ୨୯ କଲ. ୨:୧୦ ୩୦ ମାର୍କ ୧୬:୧୫, ଲୂକ ୧୪:୨୩ ୩୧ ରାଜା. ୨୦:୧୬, ଯିଶା. ୧:୧୦, ଯିରି. ୨:୪, ଯିହି. 2:4, ଯିହି. ୩୭:୪ 37:4 ୩୨ ମାର୍କ ୧୬:୧୬, ୨ ଥେସ. ୨:୧୨ ୩୩ ଗୀତ. ୫୧:୫,

## ଟାଞ୍ଜାନିଆ

ପ୍ରିୟ ପାଷ୍ଟର ଆଲାମୋ, ମୋ ପ୍ରିୟ ଓ ଈଶ୍ୱର ପ୍ରେରିତ ପାଷ୍ଟର୍,

ପରମପିତା ଓ ଆମ ପ୍ରଭୁ ଯୀଶୁଙ୍କ କୃପା, ଦୟା ଓ ଶାନ୍ତି ଆପଣ ଓ ଆପଣଙ୍କ ଗୀର୍ଜା ଉପରେ ସଦା ରହିଥାଉ | ମୁଁ, ୧୯୯୪ ମସିହାରୁ ଈଶ୍ୱରଙ୍କ ସେବା କରିଆସୁଥିବାରୁ ତାଙ୍କୁ ଧନ୍ୟବାଦ ଦେଉଛି | ମୁଁ, ଟାଞ୍ଜାନିଆର ମୂସୋମାରେ ଜଣେ ସୁସମାଚାର ପ୍ରଚାରକ ଭାବରେ କାମ କରୁଛି | ମୁଁ, ସମଗ୍ର ଦେଶରେ, ଏପରିକି ଟାଞ୍ଜାନିଆ ବାହାରକୁ ମଧ୍ୟ ଈଶ୍ୱରଙ୍କ ବାକ୍ୟ ପ୍ରସାରିତ କରିବା ଦିଗ କାମ କରିଆସୁଛି| ପାଷ୍ଟର୍, ମୁଁ ଆପଣଙ୍କର ସ୍ୱର ଶୁଣିନାହିଁ କିମ୍ବା ଉପଦେଶ ଶୁଣିନାହିଁ କିମ୍ବା ଆପଣଙ୍କ ମୁହଁ ମଧ୍ୟ ଦେଖିନାହିଁ, କିନ୍ତୁ ମୋତେ ନିରନ୍ତ ମିଳୁଥିବା ଆପଣଙ୍କ ସାହିତ୍ୟକୁ ମୁଁ ନିରନ୍ତର ପଢ଼େ | ଆପଣ, ପାଷ୍ଟର୍ ଟୋନୀ ଆଲାମୋ, ମହାନ୍ ଅନ୍ତର୍ରାଷ୍ଟ୍ରୀୟ ବକ୍ତାଙ୍କ ଦ୍ୱାରା ଲିଖିତ ଶୁଷ୍କ ଅସ୍ଥି, ମସୀହା ଓ ଈଶ୍ୱରଙ୍କ ଫାର୍ମ ପରି ଅତି ସୁନ୍ଦର ବାର୍ତ୍ତା ପଢ଼ିଛି | ଏହି ସାହିତ୍ୟଗୁଡ଼ିକ ମାଧ୍ୟମରେ ମୁଁ, ଖ୍ରୀଷ୍ଟଙ୍କ ଶରୀର ଗୀର୍ଜା ବିଷୟକ ଆପଣଙ୍କ ବର୍ତ୍ତମାନ ଓ ଭବିଷ୍ୟତ ଚିନ୍ତା ଜାଣିବାକୁ ପାଇଲି ଓ ବୁଝିଲି | ମୁଁ, ମୋର ସହକର୍ମୀ ଓ ଆପଣଙ୍କ ସାହିତ୍ୟ ମାଧ୍ୟମରେ ଯୀଶୁଙ୍କୁ ଗ୍ରହଣ କରିଥିବା ନବ ପରିବର୍ତ୍ତିତମାନେ ମିଶି ଏକ ଗୀର୍ଜାର ଗଠନ କରିଛୁ, ଯାହାର ନାମ ଦେଇଛୁ ବିଲିଭର୍ କମ୍ୟୁନିଟୀ ଚର୍ଚ୍ଚ (ବି.ସି.ସି.) | ଆମେ, ପୂର୍ବ ଆଫ୍ରିକା, ବିଶେଷକରି ଟାଞ୍ଜାନିଆରେ ଆପଣଙ୍କର ଗୀର୍ଜା ବିସ୍ତାର କରିବାକୁ ଚାହୁଁଛୁ |

ଏହା ମାଧ୍ୟମରେ ଆମେ ଦୂର ଦୂରାନ୍ତ ଗ୍ରାମଗୁଡ଼ିକୁ ପରମେଶ୍ୱରଙ୍କ ବାର୍ତ୍ତା ସମ୍ପ୍ରସାରିତ କରିବାକୁ ଚାହୁଁଛୁ | ଆମକୁ ଆପଣଙ୍କର ସହାୟତା ଦରକାର, ପାଷ୍ଟର | ଏହି ସୁସମାଚାର ସେବା ଓ ସ୍ଥାନୀୟ ପ୍ରଚାରରେ ଆମର ଆବଶ୍ୟକତା ପୂରଣ କରିବା ପାଇଁ ଶିକ୍ଷାର ସାହିତ୍ୟ ଓ ନବ ପରିବର୍ତ୍ତିତମାନଙ୍କ ପାଇଁ ବାଇବଲ ସମେତ ଯଦି ଆପଣ ଲାଉଡସ୍ପିକର୍ ଓ ଏକ ଜେନେରେଟର୍ ଦେଇପାରନ୍ତେ, ତେବେ ବହୁତ ଭଲ ହୁଅନ୍ତା | ଏହା ମାଧ୍ୟମରେ ଈଶ୍ୱର ଆପଣଙ୍କ ଉପରେ ପ୍ରଚୁର ଆଶିର୍ବାଦ କରିବେ | ପରମେଶ୍ୱର ଆପଣଙ୍କ ସେବାକୁ ଆଶିର୍ବାଦ କରନ୍ତୁ ଏବଂ ଆପଣ କରିଥିବା ଉତ୍ତମ କାମ ପାଇଁ ଆପଣଙ୍କର ଆଧ୍ୟାତ୍ମିକ ଜୀବନରେ ଉନ୍ନତି ଆଣନ୍ତୁ | ଆପଣଙ୍କ ଉତ୍ତର ଅପେକ୍ଷାରେ,

ଆପଣଙ୍କର
ଓ.ଇ.ଏମ୍.
ଟାଞ୍ଜାନିଆ, ପୂର୍ବ ଆଫ୍ରିକା

## କାଲିଫର୍ନିଆ

ପ୍ରିୟ ପାଷ୍ଟର ଆଲାମୋ,

ମୁଁ ଏହି ପତ୍ର ପବିତ୍ର ଆତ୍ମାଙ୍କ ଶକ୍ତି, ପରାକ୍ରମ ଓ ତାଙ୍କ ପ୍ରଦତ୍ତ ସଜ୍ଜା ବଳରେ ଲେଖୁଛି (ଏଫି. ୬:୧୦-୧୭) | ନିକଟରେ, ଈଶ୍ୱରଙ୍କ ସେବାରେ ଥିବା ଜଣେ ଭ୍ରାତାଙ୍କ ସହିତ ଆଧ୍ୟାତ୍ମିକ ଅଭିବୃଦ୍ଧି ଓ ସମ୍ପର୍କ ମାଧ୍ୟମରେ, ପବିତ୍ର ଆତ୍ମାଙ୍କ ଦ୍ୱାରା ବାଇବଲର କେତକ ସତ୍ୟତା ଓ ରହସ୍ୟ ଜାଣିବାକୁ ପାଇଲି | ମୁଁ ଜାଣିଛି ଯେ, ଈଶ୍ୱର ଏବେ ନିଜର ଉତ୍ତରାଧିକାରୀ ପ୍ରସ୍ତୁତ କରୁଛନ୍ତି ଏବଂ ଆପଣଙ୍କ ପ୍ରକାଶନରୁ ମୁଁ ଗୋଟିଏ ପୃଷ୍ଠା ଦେଖିବାକୁ ପାଇଲି | ମୁଁ ନିଶ୍ଚିତ ଭାବେ କହିବି ଯେ, ମୋର ନିର୍ଦ୍ଦିଷ୍ଟ ସତ୍ୟତା ଜାଣିବାକୁ ଥିବାବେଳେ ଈଶ୍ୱର, ଆପଣଙ୍କ ସାହିତ୍ୟକୁ, ଏହିଭଳି ଜଟିଳ ସମୟରେ, ମୋ ନିକଟକୁ ପଠାଇଛନ୍ତି | ଆପଣଙ୍କ ଗୀର୍ଜା ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି | ଆପଣ ନିରାଟ ସତ କଥା କୁହନ୍ତି, ଅତିରଞ୍ଜିତ କରି କେବଳ ସୁସମାଚାରର ସ୍ୱାଦିଷ୍ଟ ଦିଗ କୁହନ୍ତି ନାହିଁ | ଆପଣଙ୍କ ସଦସ୍ୟମାନଙ୍କ ମଧ୍ୟରେ ଦୟାକରି ମୋତେ ଅନ୍ତର୍ଭୁକ୍ତ କରନ୍ତୁ ଓ ଆପଣଙ୍କ ଡାକ ସୂଚୀରେ ମୋତେ ରଖନ୍ତୁ, ଯେଉଁଥିରୁ ମୁଁ ପବିତ୍ର ଆତ୍ମାଙ୍କ ସାନ୍ନିଧ୍ୟ ଲାଭ କରିପାରିବି, ସତ୍ୟତାର ଈଶ୍ୱରଙ୍କ ଖଡ୍ଗ ସହିତ ସଜ୍ଜିତ ହୋଇପାରିବି | ମୁଁ ରାଜ୍ୟ କାରାଗାରରେ ଅଛି, ତେଣୁ କୌଣସି ମୁଦ୍ରିତ ପୁସ୍ତକ ଦୟାକରି ପଠାନ୍ତୁ ନାହିଁ | ମୁଁ ଏବେ କୌଣସି ପ୍ରକାରର ଚାନ୍ଦା ଦେବା ସ୍ଥିତିରେ ନାହିଁ, କିନ୍ତୁ ଆପଣଙ୍କର ଶକ୍ତିଶାଳୀ ଗୀର୍ଜା ଉତ୍ତୋରତ୍ତର ଉନ୍ନତି କରୁ, ଏହା ହିଁ ମୋର କାମନା ଓ ପ୍ରାର୍ଥନା |

ଆପଣଙ୍କର ବିଶ୍ୱସ୍ତ,
ବି.ଏଲ୍.
କୋର୍କୋରାନ୍, କାଲିଫର୍ନିଆ




*ଟୋନୀ ଆଲାମୋ ଖ୍ରୀଷ୍ଟିଆନ ଗୀର୍ଜାର ସହଯୋଗୀ, ପାଷ୍ଟର ଏମ୍.ସି., ପାଷ୍ଟର ଆଲାମୋଙ୍କ ସୂଚନାପତ୍ର ବିତରଣ କରୁଛନ୍ତି - କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ*

## ଭାରତ

ଆମର ପ୍ରିୟ ଓ ଧର୍ମପରାୟଣ ଭାଇ ଓ ନେତା,
ପାଷ୍ଟର ଟୋନୀ ଆଲାମୋ,

ଭାରତ ସ୍ଥିତ ଟୋନୀ ଆଲାମୋ ଖ୍ରୀଷ୍ଟିଆନ ଗୀର୍ଜାର ଭାରତୀୟ ସଦସ୍ୟମାନଙ୍କ ତରଫରୁ ଅଭିନନ୍ଦନ ଓ ଅଭିବାଦନ | ଯେତେବେଳେ ମୁଁ ମସୀହା ସମେତ ପବିତ୍ର ବାଇବଲ ଓ ଅନ୍ୟ କିଛି ସାହିତ୍ୟ ପାଇଲି ଅତ୍ୟନ୍ତ ଆନନ୍ଦିତ ହେଲି ଓ ସେଥିପାଇଁ ମୁଁ କୃତଜ୍ଞ | ପ୍ରାର୍ଥନାପୂର୍ବକ, ମୁଁ ଓ ମୋର ଖ୍ରୀଷ୍ଟିଆନ ଭାଇମାନେ ମିଶି, ଇଂରାଜୀ ଜାଣିଥିବା ଲୋକମାନଙ୍କୁ ପରିତ୍ରାଣର ପ୍ରକୃତ ଯୋଜନା ବାଣ୍ଟୁଛୁ ଏବଂ ଇଂରାଜୀ ଜାଣିନଥିବା ତଥା ଗ୍ରାମଗୁଡ଼ିକରେ ରହୁଥିବା ଅନ୍ୟମାନଙ୍କ ପାଇଁ ଆମର ମାତୃଭାଷାରେ ଏହି ଅଦ୍ୱିତୀୟ ସାହିତ୍ୟକୁ ଅନୁବାଦ କରିବାକୁ ମଧ୍ୟ ଚେଷ୍ଟା କରୁଛୁ| ଅନେକ ସଂଖ୍ୟକ ଲୋକ, ବସ୍ ଓ ଅଟୋ ଡ୍ରାଇଭରମାନେ, ଉଚ୍ଚ ବିଦ୍ୟାଳୟ, ଡାକ୍ତରୀ ଓ ଇଞ୍ଜିନିୟରିଙ୍ଗ୍ ଛାତ୍ରମାନେ, ଫ୍ୟାକ୍ଟ୍ରୀଗୁଡ଼ିକର କର୍ମଚାରୀ ଓ ମାଲିକମାନେ, ଶିକ୍ଷକମାନେ ତଥା ଅତ୍ୟନ୍ତ ଆଗ୍ରହର ସହିତ ସେଗୁଡ଼ିକୁ ଗ୍ରହଣ କରିଥିବା ସମସ୍ତେ, ଏହି ସାହିତ୍ୟ ଦ୍ୱାରା ଆଶିର୍ବାଦ ପ୍ରାପ୍ତ ହୋଇଛନ୍ତି, ଯେଉଁଥିରେ ପରିତ୍ରାଣର ପ୍ରକୃତ ଯୋଜନା ରହିଛି | ଆମ ସହରରେ, ଆପଣଙ୍କର ସାହିତ୍ୟ ମାଧ୍ୟମରେ ଅନେକ ଲୋକ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିସାରିଛନ୍ତି | ଆପଣଙ୍କର ମୂଲ୍ୟବାନ ପ୍ରାର୍ଥନାରେ ଆମ ଗୀର୍ଜାକୁ ଦୟାକରି ମନେରଖନ୍ତୁ| ସମ୍ମାନର ସହିତ, ପ୍ରଭୁଙ୍କର ଦ୍ରାକ୍ଷାଭୂମିରେ ଆପଣଙ୍କର ସେବକ |

ଆପଣଙ୍କ ବିଶ୍ୱସ୍ତ,
ପାଷ୍ଟର ଏନ୍.ଟି.
ରାମାଚୋଦଭରମ୍ ମଣ୍ଡଳ
ଭାରତ



*ଭ୍ରାତା ଟି.ଆର୍., ପାଷ୍ଟର ଆଲାମୋଙ୍କର ଚମତ୍କାର, ହୃଦୟ ପରିବର୍ତ୍ତକ ପୁସ୍ତକ, ମସୀହା ବାଣ୍ଟୁଛନ୍ତି -*
ରାଜାମୁଣ୍ଡରୀ, ଭାରତ

**ପାଷ୍ଟର ଆଲାମୋଙ୍କ ପୁସ୍ତକ, ମସୀହାରୁ ଏହା ହେଉଛି ଏକ ଉଦ୍ଧୃତାଂଶ**

**ମୁଦ୍ରଣରେ ମହାନତମ ଚମତ୍କାର:**
**ରେକର୍ଡ**

# ମସୀହାର

**ବାଇବଲ ଭବିଷ୍ୟବାଣୀ ଅନୁସାରେ**
**"ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ ଦିଅନ୍ତି" (ପ୍ରେରିତ ୧୦:୪୩)**
**"ଶାସ୍ତ୍ରରେ ମୋହର ବିଷୟ ଲିଖିତ ଅଛି"**
**(ଗୀତସଂହିତା ୪୦:୭, ଏବ୍ରୀ ୧୦:୭)**

(ଖ) ଯିଶାଇୟ ୫୩

(୯) ଅନ୍ୟମାନଙ୍କ ପାଇଁ ମସୀହାଙ୍କ ଦ୍ୱାରା ଅନୁଭୂତ ବ୍ୟଥା, ଯିଶାଇୟ ୫୩:୪-୬, ୮, ୧୦-୧୨:

"ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନାସବୁ ଧାରଣ କରିଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହିଅଛନ୍ତି | ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ (ଯିଶା. ୫୩:୪) | ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ (ଯିଶା. ୫୩:୫)| ଆଉ, ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଛନ୍ତି (ଯିଶା. ୫୩:୬) | ଆମ୍ଭ ଲୋକମାନଙ୍କର ଅପରାଧ ନିମନ୍ତେ ସେ ପ୍ରହାରିତ ହେଲେ (ଯିଶା. ୫୩:୮) | ତାହାଙ୍କ ପ୍ରାଣକୁ ପାପାର୍ଥକ ବଳି କଲେ (ଯିଶା. ୫୩:୧୦)| "ସେ ସେମାନଙ୍କର ଅପରାଧ ବହିବେ (ଯିଶା. ୫୩:୧୧)...ସେ ଅନେକଙ୍କର ପାପଭାର ବହିଲେ (ଯିଶା. ୫୩:୧୨)|"[୧]

ଏହି ଅଧ୍ୟାୟ (ଯିଶାଇୟ ୫୩)ର ମହତ୍ୱପୂର୍ଣ୍ଣ ଭାଗ ଏହିକି ଯେ, ମସୀହା, ନିଜେ ସେହି ଦଣ୍ଡ ବହନ କଲେ, ଯାହା ଅନ୍ୟମାନଙ୍କୁ, ସେମାନଙ୍କର ପାପ କାରଣରୁ ମିଳିବା ଉଚିତ ଥିଲା | ଏହି ଚମତ୍କାର ଅଧ୍ୟାୟରେ କେବଳ ବାରଗୋଟି ପଦ ଅଛି, ତଥାପି ସେଥିରେ ସମସ୍ତ ମାନବ ପାପଗୁଡ଼ିକ ପାଇଁ ମସୀହାଙ୍କ ନିଜକୁ ବଳିଦାନ ଦେବାର ଭବିଷ୍ୟବାଣୀ ଚଉଦଥର କରାଯାଇଛି | ଏହି ସମଗ୍ର ଭାଗ (ଯିଶା. ୫୨:୧୩-୫୩:୧୨) ଏହି ଅବଧାରଣା ସହିତ ପ୍ରବାହିତ ହୋଇଛି ଏବଂ ଏହି ରହସ୍ୟ ସେପର୍ଯ୍ୟନ୍ତ ଉନ୍ମୋଚିତ ହୋଇନଥା'ନ୍ତା, ଯେପର୍ଯ୍ୟନ୍ତ ପ୍ରଭୁ ଯୀଶୁ ନକହିଲେ ଯେ, "ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପସ୍ୱରୂପ କଲେ" (୨ କରି. ୫:୨୧) ଏବଂ "ଆମ୍ଭିମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ" (୧ କରି. (୧୫:୩) |

"ଆଉ, ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଛନ୍ତି (ଯିଶା. (୫୩:୬) | ମସୀହା, ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଉଦ୍ଧାରକର୍ତ୍ତା ଥିଲେ, ଯିଏ ମାନବଜାତିର ସମସ୍ତ ପାପଗୁଡ଼ିକର ଦଣ୍ଡ ବହନ କଲେ | ଖ୍ରୀଷ୍ଟଙ୍କର ବୈକଳ୍ପିକ ପ୍ରାୟଶ୍ଚିତ ମାଧ୍ୟମରେ ଈଶ୍ୱରଙ୍କ ଦୟା କେତେଯେ ସୁନ୍ଦର! କ୍ଷଣକରେ କ୍ରୁଶ ହୋଇଗଲା, ଖ୍ରୀଷ୍ଟଙ୍କର ଗଭୀର ଅପମାନ, କିନ୍ତୁ ତାଙ୍କର ଉଚ୍ଚତମ ମହିମା ଏବଂ ମାନବ ଜାତି ପାଇଁ ପରିତ୍ରାଣ ଆଣିବାର ନିୟୋଜିତ ମାର୍ଗ |

ଯେତେବେଳେ ପ୍ରଭୁ ଯୀଶୁ ଆସିଲେ, ସେ, ନିମ୍ନଲିଖିତ ମସୀହାଙ୍କ ଭବିଷ୍ୟବାଣୀ, କ୍ରୁଶ ଉପରେ ନିଜର ପ୍ରାୟଶ୍ଚିତ ମୃତ୍ୟୁ ଦ୍ୱାରା ପୂରଣ କଲେ: "ଏଥିନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ" (୧ ପିତର ୨:୨୪) |

**(୧୦) ମସୀହା ନିଜ ଇଚ୍ଛାରେ ଯାତନା ସହିବେ ଓ ଅଭିଯୋଗ କରିବେ ନାହିଁ, ଯିଶାଇୟ ୫୩:୭ -**

"ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ ; ବଧ ସ୍ଥାନକୁ ନିଆଯିବା ମେଷଶାବକ

୧. ଈଶ୍ୱରୀୟ ଲେଖକ, ସମାନ ଅର୍ଥ ସହିତ ଅନେକ ଥର ଓ ଅନେକ ରୂପରେ ଅନ୍ୟମାନଙ୍କର ପାପ ପ୍ରାଇଁ ଯୀଶୁ ଦଣ୍ଡ ଭୋଗିବା ବିଷୟକୁ ଏହିପରି ଉପସ୍ଥାପନା କରିଛନ୍ତି ଯେ, ଜଣେ ଯଦି ତାହାକୁ ଗୋଟିଏ ସ୍ଥାନରେ ଦେଖିବାକୁ ପାଇଲା, ତେବେ ଅନ୍ୟ ଏକ ସ୍ଥାନରେ ତାହାକୁ ଦେଖିବାକୁ ବାଧ ହେବ ଏବଂ ତାହାକୁ କୌଣସି ପଟୁତା କିମ୍ବା ଶିକ୍ଷା ପାଇଁ ହଟାଇବା ଅସମ୍ଭବ |



*ପାଷ୍ଟର ମାଇକ୍ ଓମୋଆସେଗୁନ୍, ନିଜର କିଛି ମଣ୍ଡଳୀ ସହିତ, ଟୋନୀ ଆଲାମୋ ଖ୍ରୀଷ୍ଟିଆନ୍ ଗୀର୍ଜାରୁ କିଙ୍ଗ୍ ଜେମ୍ସ ଭର୍ସନ୍ ବାଇବଲ ଓ ପାଷ୍ଟର ଆଲାମୋଙ୍କର ହୃଦୟ ପରିବର୍ତ୍ତକ ସାହିତ୍ୟ ଗ୍ରହଣ କରୁଥିବା ସମୟରେ - ସୁଲେଜା, ନାଇଜେରିଆ*

## ଆମର ଚବିଶ ଘଣ୍ଟିଆ ପ୍ରାର୍ଥନା ଓ ସୂଚନା:

ପାସାଡେନାରେ ଥିବା ଫୁଲର୍ ଥେଓଲୋଜିକଲ୍ ସେମିନେରୀର ମ୍ୟାକ୍ ଆଲିଷ୍ଟର ଲାଇବ୍ରେରୀରୁ ଡି.ଆର୍. କଲ୍ କରି କହିଲେ ଯେ, ସେ, ତଳେ ପଢ଼ିଥିବା ଦୁଇଟି ଖଣ୍ଡେ ସୂଚନା ପୁସ୍ତିକା ପାଇଲେ ଓ ସେଗୁଡ଼ିକୁ ପଢ଼ିଲେ | ସେ କହିଲେ ଯେ, ତାଙ୍କୁ ସେଗୁଡ଼ିକ ବହୁତ ଭଲ ଲାଗିଲା ଓ ମେଲିଙ୍ଗ୍ ସୂଚୀରେ ତାଙ୍କୁ ରଖିବାକୁ ସେ ଅନୁରୋଧ କରିଛନ୍ତି | ପାଷ୍ଟର ଆଲାମୋ ଲେଖିଥିବା ପ୍ରତ୍ୟେକ ସୂଚନା ପୁସ୍ତିକା ଓ ପ୍ରତ୍ୟେକ ସାହିତ୍ୟ ପଠାଇବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି | ସେ, ପାଷ୍ଟର ଆଲାମୋଙ୍କର ସାହିତ୍ୟ ସଂଗ୍ରହ କରିବାକୁ ଚାହାଁନ୍ତି, ଯେଉଁଥିରୁ ଗବେଷକମାନେ, ଈଶ୍ୱରଙ୍କ ବାକ୍ୟ ଓ ପାଷ୍ଟର ଆଲାମୋଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ ତାଙ୍କ ଲାଇବ୍ରେରୀକୁ ଆସିପାରିବେ | ଏହି ବିଷୟରେ ସେ ବହୁତ ଉତ୍ସାହିତ ଅଛନ୍ତି | ସେ କୁହନ୍ତି ଯେ, ସେ ତାଙ୍କର ଗୋଟିଏ ବହି ଥାକ, କେବଳ ପାଷ୍ଟର ଆଲାମୋଙ୍କର ସାହିତ୍ୟରେ ପୂରଣ କରିବାକୁ ଇଚ୍ଛା କରନ୍ତି | ଏହା କରିବା କିପରି ହେବ, ସେଥିପାଇଁ ସେ, ପାଷ୍ଟର ଆଲାମୋଙ୍କର ମତାମତ ଲୋଡ଼ିଛନ୍ତି |

ତୁଲ୍ୟ, ଲୋମଚ୍ଛେଦକମାନଙ୍କ ସମ୍ମୁଖରେ ନୀରବ ମେଷୀ ତୁଲ୍ୟ ହୋଇ ସେ ଆପଣା ମୁଖ ଫିଟାଇଲେ ନାହିଁ |"

ଅନ୍ୟ ପୀଡ଼ିତମାନେ ସାଧାରଣତଃ ବିଳିବିଳାନ୍ତି କିମ୍ବା ଅଭିଯୋଗ କରନ୍ତି, ବିଶେଷକରି ଯେତେବେଳେ ସେମାନଙ୍କ ସହିତ ଅନ୍ୟାୟପୂର୍ବକ ବ୍ୟବହାର କରାଯାଏ - କିନ୍ତୁ ପୀଡ଼ିତ ମସୀହା ଏପରି କଲେ ନାହିଁ ସେ, ସ୍ୱେଚ୍ଛାକୃତ ଭାବେ ନିଜକୁ, "ଆମ ପାପ ବହନ" କରିବାର କାର୍ଯ୍ୟ ନିମନ୍ତେ ସମର୍ପିଦେଲେ ଏବଂ ମେଷଶାବକ ତୁଲ୍ୟ ବଧସ୍ଥାନକୁ ଗଲେ | ମହାନ୍ ଓ ହୃଦୟସ୍ପର୍ଶୀ ମୌନତା ସହିତ ମସୀହା ସବୁକିଛି ସହିଗଲେ, କାରଣ ଏହା ଈଶ୍ୱରଙ୍କ ଇଚ୍ଛା ଥିଲା | ଆଉ ଏଠାରେ ଆମେ ମାନବଜାତି ପାଇଁ ଈଶ୍ୱରଙ୍କ ଅନନ୍ତ ପ୍ରେମର ପ୍ରମାଣ ପାଉ |

ନୂତନ ନିୟମରେ, ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରହାର କରାଗଲା, ମିଥ୍ୟା ଆରୋପ ଲଗାଗଲା, ତାଙ୍କ ସହିତ ଦୁର୍ବ୍ୟବହାର କରାଗଲା, ଉପହାସ କରାଗଲା, ତାଙ୍କ ଉପରକୁ ଛେପ ପକାଗଲା, ନିର୍ଯ୍ୟାତିତ କରାଗଲା, ବାଡ଼ିଆଗଲା, ଚାବୁକ୍ ରେ ପ୍ରହାର କରାଗଲା ଓ କ୍ରୁଶାର୍ପିତ କରାଗଲା, ସେ କୌଣସି ପ୍ରକାରର ବିରୋଧ କଲେନାହିଁ | ନିଜର ହତ୍ୟାକାରୀ ବିରୋଧରେ ପ୍ରଭୁ କ୍ରୋଧିତ ହେଲେନାହିଁ, କୌଣସି ଅଭିଯୋଗ କଲେ ନାହିଁ, ବରଂ କେବଳ ପ୍ରାର୍ଥନା କଲେ |

ତାଙ୍କ ବିରୁଦ୍ଧରେ ଅନେକ ମିଥ୍ୟା ସାକ୍ଷ୍ୟ ଆସିବାପରେ, ମହାଯାଜକ କହିଲେ, "ତୁମ୍ଭେ କିଛି ଉତ୍ତର ଦେଉ ନାହଁ?...କିନ୍ତୁ ଯୀଶୁ ମୌନ ରହିଲେ" (ମାଥିଉ ୨୬:୫୯-୬୩) |

କ୍ରୁଶବିଦ୍ଧର ଯନ୍ତ୍ରଣା ସହିବା ସମୟରେ ଯୀଶୁ ଏହା ପ୍ରାର୍ଥନା କଲେ : "ପିତଃ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କଅଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ |" (ଲୂକ ୨୩:୩୪)

ଏହି ସମଗ୍ର ପ୍ରକ୍ରିୟା ଏତେ ଅସ୍ୱାଭାବିକ, ପ୍ରକୃତିର ଏତେ ବିପରୀତ ଓ ମାନବ ଅନୁଭବର ଏତେ ପ୍ରତିକୂଳ ଥିଲା ଯେ, ଉଭୟ ବିଚିତ୍ର ଭବିଷ୍ୟବାଣୀ ଓ ତାହାର ଅଦ୍ଭୁତ ପରିପୂରଣ ବିଷୟରେ ଯେଉଁ ବ୍ୟକ୍ତି ବି ଜାଣିଲା, ଆଶ୍ଚର୍ଯ୍ୟଚକିତ ହୋଇଗଲା |

**(୧୧) କାରାଗାର ଓ ବିଚାରରୁ ନେବା ସମୟରେ, ମସୀହାଙ୍କର ପକ୍ଷ ରଖିବା ପାଇଁ କୌଣସି ଓକିଲ ନଥିଲେ, ତାଙ୍କ ନିର୍ଦ୍ଦୋଷତା କହିବା ପାଇଁ କୌଣସି ସାଙ୍ଗ ନଥିଲେ, ଯିଶାଇୟ ୫୩:୮ -**

"ସେ ଉପଦ୍ରବ ଓ ବିଚାର ଦ୍ୱାରା ଦୂରୀକୃତ ହେଲେ; ଆଉ, ସେ ଯେ ଜୀବିତ ଲୋକମାନଙ୍କ ଦେଶରୁ ଉଚ୍ଛିନ୍ନ ହେଲେ, ଏହା ତାହାଙ୍କ ସମୟର ଲୋକମାନଙ୍କ ମଧ୍ୟରେ କିଏ ବିବେଚନା କଲା?"

ସେହି ସମୟରେ, ମହାସଭାରେ ଏକ ପ୍ରଥା ଚାଲୁଥିଲା ଯେ, ମୃତ୍ୟୁଦଣ୍ଡର ମୋକଦ୍ଦମା ଚାଲୁଥିବା ବ୍ୟକ୍ତି ସପକ୍ଷରେ ଯିଏ କିଛିବି ଜାଣିଥାଏ, ସମ୍ମୁଖକୁ ଆସି ତାହା କହିବାର ସୁଯୋଗ ଦିଆଯାଉଥିଲା | କିନ୍ତୁ, ଯୀଶୁଙ୍କ ମାମଲାରେ ଏହା ଦେଖାଗଲା ନାହିଁ, ବରଂ ସମସ୍ତ ସାଧାରଣ ଅଧିକାର ଓ ସ୍ୱଚ୍ଛତା ବିରୁଦ୍ଧରେ ଏବଂ ସେମାନଙ୍କର ନିଜସ୍ୱ ନିୟମ ବିପରୀତ ତରତରିଆ ଭାବରେ ମହାସଭା ସମ୍ମୁଖରେ ତାଙ୍କର ମିଥ୍ୟା ମୋକଦ୍ଦମା ଚଳାଗଲା |

ଯୀଶୁଙ୍କୁ, ଏକୁଟିଆ, ଭ୍ରଷ୍ଟ ଯିହୂଦୀ ମହାଯାଜକ ଓ ସେହି ସମୟରେ ଧରାପୃଷ୍ଠରେ ବିଶାଳ ନାସ୍ତିକ ଶକ୍ତିର ପ୍ରତିନିଧିମାନଙ୍କ ସମ୍ମୁଖରେ ହାଜର ହେବାକୁ ପଡ଼ିଲା | **ଯୀଶୁଙ୍କ ସପକ୍ଷରେ କହିବା ପାଇଁ ଜଣେ ହେଲେବି ବ୍ୟକ୍ତି ହାଜର ହେଲାନାହିଁ |** ଯିହୁଦା ତାଙ୍କ ସହିତ ବିଶ୍ୱାସଘାତକତା କଲା, ପିତର ରାଣ ପକାଇ ଅସ୍ୱୀକାର କଲେ; ଆଉ ଅନ୍ୟ ଶିଷ୍ୟମାନେ "ସମସ୍ତେ ତାହାଙ୍କୁ ଛାଡ଼ି ପଳାଇଗଲେ" (ମାଥିଉ ୨୬:୫୬)| ଆଉ, ଅନେକ ସ୍ତ୍ରୀଲୋକ ସେ ସ୍ଥାନରେ ଥାଇ ଯୀଶୁଙ୍କୁ କ୍ରୁଶବିଦ୍ଧ କରାଯାଉଥିବାବେଳେ ଦୂରରୁ ଦେଖୁଥିଲେ; ସେମାନେ ଯୀଶୁଙ୍କ ସେବା କରୁ କରୁ ଗାଲିଲୀରୁ ତାହାଙ୍କ ସାଙ୍ଗରେ ଆସିଥିଲେ (ମାଥିଉ ୨୭:୫୫)| ଯେଉଁ ସମୟରେ ତାଙ୍କୁ ସବୁଠାରୁ ବେଶୀ ଦରକାର ଥିଲା, ମାନବତା ଦୃଷ୍ଟିରୁ କହିବାକୁ ଗଲେ, ଜଣେ ହେଲେବି ତାଙ୍କ ପାଖରେ ଠିଆ ହେଲେନାହିଁ | ପରବର୍ତ୍ତୀ ସମୟରେ, ଯାତନାରେ ତାଙ୍କ ଭଗ୍ନ ଶରୀର ସ୍ଥାଣୁ ହୋଇଯିବା ପରେ, ତାଙ୍କ ମାତା ମେରୀ, ଜଣେ ବିଶ୍ୱସ୍ତ ମହିଳା ତଥା ତାଙ୍କ ପ୍ରିୟ ଶିଷ୍ୟ

*(୬ ପୃଷ୍ଠାରେ ଜାରି)*

# ମସୀହା

(୬ ପୃଷ୍ଠାରେ ଜାରି)

ଯୋହନ, ଆସି କ୍ରୁଶ ପାଖରେ ଠିଆହେଲେ; କିନ୍ତୁ ତାଙ୍କ ବିଚାର ସମୟରେ ଓ ତାଙ୍କର କ୍ରୁଶବିଦ୍ଧ ସମୟରେ ସେ ଏକୁଟିଆ ଥିଲେ - ସମ୍ପୂର୍ଣ୍ଣ ଏକୁଟିଆ | ସଂସାରର ଇତିହାସରେ କାହାକୁବି, ସାଙ୍ଗ ଓ ପ୍ରିୟଜନମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଛାଡ଼ିଦିଆଯାଇନଥିଲା, ଯେପରି ପ୍ରଭୁ ଯୀଶୁଙ୍କୁ ଛାଡ଼ିଦିଆଯାଇଥିଲା |

ଯୀଶୁଙ୍କୁ ଉଚିତ ଅଧିକାରୀମାନଙ୍କ ଦ୍ୱାରା ନୁହେଁ, ବରଂ ଜନସମୂହ, ବିଦ୍ରୋହୀମାନଙ୍କ ଦ୍ୱାରା ଗିରଫ କରାଯାଇଥିଲା: "ପ୍ରଧାନ ଯାଜକ ଓ ଲୋକଙ୍କର ପ୍ରାଚୀନ ବର୍ଗଙ୍କଠାରୁ ପ୍ରେରିତ ବହୁ ସଂଖ୍ୟକ ଲୋକ ଖଣ୍ଡ ଓ ଯଷ୍ଟି ଧରି ଆସିଲେ " (ମାଥିଉ ୨୬:୪୭)| ସେହି ସମୟରେ ଯୀଶୁ ଲୋକସମୂହକୁ କହିଲେ: "ଡକାଇତ ବିରୁଦ୍ଧରେ ବାହାରିବା ପରି ଖଣ୍ଡା ଓ ଠେଙ୍ଗା ଘେନି ତୁମ୍ଭେମାନେ କଅଣ ମୋତେ ଧରିବାକୁ ଆସିଲ? ମୁଁ ପ୍ରତିଦିନ ମନ୍ଦିରରେ ବସି ଶିକ୍ଷା ଦେଉଥିଲି, କିନ୍ତୁ ତୁମ୍ଭେମାନେ ମୋତେ ଧରିଲ ନାହିଁ| ମାତ୍ର ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଯେପରି ସଫଳ ହୁଏ, ସେଥିନିମନ୍ତେ ଏସମସ୍ତ ଘଟିଅଛି " (ମାଥିଉ ୨୬:୫୫-୫୬) |

ଇତିମଧ୍ୟରେ ପ୍ରଧାନ ଯାଜକମାନେ ଓ ସମସ୍ତ ମହାସଭା ଯୀଶୁଙ୍କୁ ବଧ କରିବା ନିମନ୍ତେ ତାହାଙ୍କ ବିରୁଦ୍ଧରେ ମିଥ୍ୟାସାକ୍ଷ୍ୟ ଅନ୍ୱେଷଣ କରିବାକୁ ଲାଗିଲେ" (ମାଥିଉ (୨୬:୫୯) ଆଉ ତାଙ୍କର ବିଚାର ରାତିରେ କରାଗଲା, ଯାହା ଆଇନ ବିରୁଦ୍ଧ ଥିଲା |

ରୋମୀୟ ବିଚାରାଳୟରେ, ଯେତେବେଳେ ପୀଲାତ ତାଙ୍କୁ ନିନ୍ଦା କରିବା ପାଇଁ ଏକ କାରଣ ଜାଣିବାକୁ ଚାହିଁଲେ, ସେ ଜନସମୂହକୁ ପଚାରିଲେ, "ସେ କି ଦୋଷ କରିଅଛି?" କିନ୍ତୁ ସେମାନେ ଅତ୍ୟନ୍ତ ଚିତ୍କାର କରି କହିଲେ, "ସେ କ୍ରୁଶରେ ଚଢ଼ାଯାଉ" (ମାଥିଉ ୨୭:୨୩) | ଏଣୁ ପୀଲାତ ଯେତେବେଳେ ଦେଖିଲେ ଯେ, ସେ କିଛି କରିପାରୁନାହାଁନ୍ତି, ବରଞ୍ଚ ଆହୁରି ଗଣ୍ଡଗୋଳ ହେଉଅଛି, ସେତେବେଳେ ସେ ଜଳ ଘେନି ଲୋକସମୂହ ସାକ୍ଷାତରେ ହସ୍ତ ପ୍ରକ୍ଷାଳନ କରି କହିଲେ, ଏହି ରକ୍ତପାତରେ ଆମ୍ଭେ ନିର୍ଦ୍ଦୋଷ, ତୁମ୍ଭେମାନେ ତାହା ବୁଝ (ମାଥିଉ ୨୭:୨୨-୨୬) | ସମଗ୍ର ଇତିହାସରେ ଏହିପରି ଅନ୍ୟାୟ କେବେବି ଦେଖାଯାଇନଥିଲା |

କିନ୍ତୁ ଖ୍ରୀଷ୍ଟଙ୍କ ନିର୍ଦ୍ଦୋଷତାକୁ ନାକେବଳ ପୀଲାତ ମାନୁଥିଲେ - "ଆମ୍ଭେ ତାହାଠାରେ କୌଣସି ଦୋଷ ପାଉନାହୁଁ" (ଯୋହନ ୧୯:୬) - ବରଂ ପ୍ରାଚୀନବର୍ଗର ଭବିଷ୍ୟଦ୍ ବକ୍ତାଙ୍କ ଦ୍ୱାରା ମଧ୍ୟ ତାହା କୁହାଯାଇଥିଲା: "ସେ କୌଣସି ଦୌରାତ୍ମ୍ୟ ନକଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନଥିଲେ ହେଁ" (ଯିଶା. ୫୩:୯) |

---

ଚବିଶ ଘଣ୍ଟିଆ ପ୍ରାର୍ଥନା ଓ ସୂଚନା ଲାଇନ୍ - (୬୬୧) ୨୫୨-୫୬୮୬

# ଜାମ୍ବିଆ

ପ୍ରିୟ ପାଷ୍ଟର ଟୋନୀ ଆଲାମୋ,

ଏହି ପତ୍ର ଲେଖୁଥିବାରୁ ମୁଁ ଅତ୍ୟନ୍ତ ଖୁସି ଅନୁଭବ କରୁଛି | ଆପଣ କିପରି ଅଛନ୍ତି, ପାଷ୍ଟର? ମୁଁ ଆଶା କରୁଛି, ସର୍ବଶକ୍ତିମାନ ପରମେଶ୍ୱରଙ୍କ ଆଶିର୍ବାଦରୁ ଆପଣ ଭଲରେ ଥିବେ | ମୁଁ ଆପଣଙ୍କର ବିଶ୍ୱ ସୂଚନାପତ୍ର, "ଲିଡର୍ସ ଆଣ୍ଡ ଫାବଲ୍ସ" ପଢ଼ିଲି, ଅଲୌକିକ ଭାବେ ଈଶ୍ୱର ତାହା ମୋତେ ଦେଖାଇଲେ| ତାହାକୁ ପଢ଼ିବା ପରେ, ମୁଁ ନିଜକୁ ଧନ୍ୟ ଅନୁଭବ କଲି ଓ ଆପଣଙ୍କୁ ଲେଖିବାର ଇଚ୍ଛା ହେଲା| ଦିଗଭ୍ରଷ୍ଟ ଓ ପରିତ୍ରାଣ ପାଇନଥିବା ଲୋକମାନଙ୍କ ପାଖକୁ ଏହିଭଳି ସୁନ୍ଦର ବାର୍ତ୍ତା ପଠାଉଥିବାରୁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି | ମୋର ଆଶା ଯେ, ସେମାନେ ଯୀଶୁଙ୍କୁ ନିଜ ଜୀବନରେ ଆପଣାଇବେ| ଆପଣଙ୍କ ସାହିତ୍ୟ ମାଧ୍ୟମରେ ଅନେକ ଲୋକ ଯୀଶୁଙ୍କୁ ଆପଣାଇସାରିଛନ୍ତି ଏବଂ ସେମାନଙ୍କୁ ଶୟତାନ (ସଇତାନ) କବଳରୁ ମୁକ୍ତି ମିଳିଯାଇଛି| ଆର୍ଥିକ ସ୍ତରରେ, ଶାରୀରିକ ସ୍ତରରେ ଓ ଆତ୍ମିକ ସ୍ତରରେ ଈଶ୍ୱର ଆପଣଙ୍କୁ ଆଶିର୍ବାଦ କରିବା ହୁଅନ୍ତୁ |

ପାଷ୍ଟର୍, ମୁଁ ଜଣେ ଯୁବତୀ, ପାଞ୍ଚ ବର୍ଷ ପୂର୍ବେ ବିବାହ କରିଛି | ଦୁଇ ବର୍ଷ ପୂର୍ବେ ମୁଁ ମୋର ଜୀବନ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଉତ୍ସର୍ଗ କରିଦେଲି ଓ ପରମେଶ୍ୱର ମୋ ଉପରେ ଅତ୍ୟନ୍ତ ଦୟା କରିଛନ୍ତି | ଅନ୍ୟମାନଙ୍କ ନିକଟରେ ପ୍ରଭୁ ଯୀଶୁଙ୍କ ସୁସମାଚାର ପ୍ରଚାର କରିବା ପାଇଁ ମୋର ଲକ୍ଷ୍ୟ ରହିଛି | ଆଫ୍ରିକାର ମହିଳାମାନଙ୍କୁ, ପାରମ୍ପାରିକ ମାନ୍ୟତା କାରଣରୁ ଅନାଦି କାଳରୁ ଶିକୁଳିରେ ରଖାଯାଇଛି | ତେଣୁ, ମୁଁ ନିଜକୁ ଯୀଶୁଙ୍କଠାରେ ସମର୍ପି ଦେବାର ଇଚ୍ଛା | ପାଷ୍ଟର, ମୁଁ ବାଇବଲ, ପୁସ୍ତକ, ସୂଚନାପତ୍ର, ଟେପ୍ ରେ ଈଶ୍ୱରଙ୍କ ବାକ୍ୟ ଆଦି ସାହିତ୍ୟଗୁଡ଼ିକ ପାଇଁ ଅନୁରୋଧ କରୁଛି, ଯାହା ଦିଗଭ୍ରଷ୍ଟ ଲୋକମାନଙ୍କୁ ସଠିକ୍ ମାର୍ଗକୁ ଆଣିବାରେ ମୋତେ ସାହାଯ୍ୟ କରିବ | ଶେଷରେ ମୁଁ, ବାଇବଲ ଅଧ୍ୟୟନ ପାଇଁ ସାମଗ୍ରୀ ଓ ସଂଗୀତ କ୍ୟାସେଟ୍ସ ପଠାଇବା ନିମନ୍ତେ ଅନୁରୋଧ କରୁଛି |

ଆପଣଙ୍କର,

ଏଲ୍.ଏମ୍.

ଆଇସୋକା, ଜାମ୍ବିଆ

---

ପ୍ରିୟ ପାଷ୍ଟର ଟୋନୀ ଆଲାମୋ,

ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୋର ଆନ୍ତରିକ ଅଭିନନ୍ଦନ | ଆପଣଙ୍କର ଜୀବନ ଓ ପ୍ରଭୁଙ୍କ ବାକ୍ୟ ପ୍ରସାରିତ କରିବାର ସର୍ବୋତ୍ତମ ମାର୍ଗ ବ୍ୟବହାର କରିବାକୁ ତାଙ୍କର ଯୋଜନା ଶୈଳୀ ପାଇଁ ମୁଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଛି, ଯେଉଁଥିରୁ ପ୍ରଭୁଙ୍କ ବାକ୍ୟ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିପାରିବ ଓ ପ୍ରାଣୀମାନେ ଉଦ୍ଧାର ପାଇପାରିବେ | ପାଷ୍ଟର ଆଲାମୋ, ମୋ ସହକର୍ମୀଙ୍କ ଦ୍ୱାରା ମନ୍ଦ ଜିନିଷଗୁଡ଼ିକରୁ ମୋତେ ଉଦ୍ଧାର କରାଯିବା ପୂର୍ବରୁ ମୁଁ ଜଣେ ବିଧର୍ମୀ ଥିଲି | ମୁଁ ଯେତେବେଳେ ସୂଚନାପତ୍ରରେ ଆପଣଙ୍କର ବାର୍ତ୍ତା ପଢ଼ିଲି, ମୋ ହୃଦୟକୁ ମୁଁ ଦୃଢ଼ କରିନେଲି ଓ ମୁଁ ନିଶ୍ଚିତ ଯେ, ଈଶ୍ୱର ମୋ ଜୀବନ ବଦଳାଉଛନ୍ତି | ମୁଁ ଖୁବ୍ ଶୀଘ୍ର ବୁଝିପାରିଲି ଯେ, ସଦାପ୍ରଭୁ ଆମକୁ ନିଜର ଧର୍ମପଥରେ କଢ଼ାଇନେବାକୁ ଚାହାଁନ୍ତି | ପାଷ୍ଟର ଆଲାମୋ, ମୁଁ ମୋର ସାଙ୍ଗ ପାଇଁ ଗୋଟିଏ କିମ୍ବା ଦୁଇଟି ବାଇବଲ ଚାହୁଁଛି ଏବଂ ମୁଁ ପଢ଼ିବା ପାଇଁ ମୋତେ ପରାକ୍ରମୀ ଈଶ୍ୱରଙ୍କ ବାକ୍ୟ ଦରକାର| ଆମ ପ୍ରଭୁଙ୍କର ଶାନ୍ତି ଆପଣ ଓ ଆପଣଙ୍କ ଆତ୍ମା ସହିତ ସର୍ବଦା ରହିଥାଉ | ଅନୁରୋଧଗୁଡ଼ିକର ଉତ୍ତର ଦେଉଥିବାରୁ ଆପଣଙ୍କ ପରି ସହୃଦୟ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ମୁଁ ଅନେକ ଅନେକ ଧନ୍ୟବାଦ ଦେଉଛି |

ଧନ୍ୟବାଦ |

ଜି.ଏନ୍. କିଟ୍ୱେ, ଜାମ୍ବିଆ

# ମେକ୍ସିକୋ

ପାଷ୍ଟର ଆଲାମୋ, ଅଭିନନ୍ଦନ,

ଆପଣଙ୍କର ସାହିତ୍ୟ ମୁଁ ରହୁଥିବା ସ୍ଥାନରେ ମଧ୍ୟ ପହଞ୍ଚିଯାଇଛି, ଯେଉଁଥିରେ ବହୁତ ଆଗ୍ରହଜନିତ ବାର୍ତ୍ତା ଓ ସଂସାରର ବିଭିନ୍ନ ଭାଗରୁ ପତ୍ରଗୁଡ଼ିକ ରହିଛି | ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଈଶ୍ୱର ଆପଣଙ୍କର ବ୍ୟବହାର ବହୁତ ଉତ୍ତମ ରୂପରେ କରୁଛନ୍ତି, ଯେଉଁଥିରୁ ତାଙ୍କର ପରିତ୍ରାଣର ବାର୍ତ୍ତା ପ୍ରତ୍ୟେକ ମନୁଷ୍ୟ ପାଖରେ ପହଞ୍ଚିପାରିବ | ଗଞ୍ଜେଇ ଚୋରା କାରବାର ମାମଲାରେ ମୁଁ ସାଢ଼େ ସାତ ବର୍ଷରୁ ଜେଲ୍ ରେ ବନ୍ଦ ଅଛି | ବିଗତ ଦୁଇ ବର୍ଷ ମଧ୍ୟରେ ଏଠାରେ, ମୋର ଦୟନୀୟ ଅସ୍ତିତ୍ୱ ସହିତ, ଅତ୍ୟନ୍ତ ଅଦ୍ୱିତୀୟ ମାର୍ଗରେ ପରମେଶ୍ୱର ନିଜକୁ ପ୍ରକଟ କରିଛନ୍ତି | ଚଳିତ ବର୍ଷ ମୋର ମୁକ୍ତ ହେବାର ଆଶା ଅଛି ଏବଂ ମୋ ପୁଅମାନଙ୍କର ପରିବର୍ତ୍ତନ ପାଇଁ ସାହାଯ୍ୟ କରିବା ନିମନ୍ତେ ଆପଣ ମୋତେ ମସୀହା ପୁସ୍ତକ ଓ ଅନ୍ୟାନ୍ୟ ସାହିତ୍ୟ ପଠାଇବାକୁ ମୁଁ ଅନୁରୋଧ କରୁଛି |

ଏମ୍. ଏ. ମୋନକ୍ଲୋଭା, କୋହୁଇଲା, ମେକ୍ସିକୋ

# ପାଷ୍ଟର ଆଲାମୋଙ୍କୁ ଚିଠି

## ଘାନା

ପ୍ରିୟ ପାଷ୍ଟର,

ଆପଣ ମୋତେ ସୂଚନା ପତ୍ର ପଠାଇଥିବାରୁ ମୁଁ ବହୁତ ଉତ୍ସାହିତ । ଗତ ସପ୍ତାହରେ ମୁଁ, ଆପଣଙ୍କର ସୂଚନାପତ୍ରର ଏକ ବାକ୍ସ ପ୍ରାପ୍ତ କରିଛି। ପ୍ରିୟ ଇଶ୍ୱରଙ୍କ ସେବକ, ସେଗୁଡ଼ିକୁ ପଢ଼ିବା ପାଇଁ ଲୋକମାନେ ବହୁତ ଆଗ୍ରହୀ । ଗ୍ରାମରେ ଥିବା ଆମର ବନ୍ଧୁମାନେ, ଯେଉଁମାନଙ୍କ ସହିତ ଆମେ ସର୍ବଦା ଉପହାରମାନ ବାଣ୍ଟୁ ଏବଂ ପ୍ରାର୍ଥନା ସଭା ପାଇଁ ଯାଉ, ସେଗୁଡ଼ିକୁ ପଢ଼ିବା ନିମନ୍ତେ ଅତ୍ୟନ୍ତ ଉତ୍କଣ୍ଠିତ ତଥା ସେମାନଙ୍କ ମଧ୍ୟରୁ କେତେକ ଅନ୍ୟମାନଙ୍କର ପତ୍ର ପଢ଼ି ଉଦ୍ଧାରପ୍ରାପ୍ତ ହୋଇଛନ୍ତି । ଆମେ ଅତୀବ ଖୁସି ହେବୁ ଓ ଆପଣଙ୍କୁ ଅନୁରୋଧ କରୁଛୁ ଯେ, ଆପଣଙ୍କ ମେଲିଙ୍ଗ୍ ତାଲିକାରେ ଆମକୁ ରଖନ୍ତୁ ଓ ସୁସମାଚାର ସାମଗ୍ରୀ ପଠାନ୍ତୁ । ଆମକୁ କିଛି ବାଇବଲ, ଆପଣଙ୍କର ସାହିତ୍ୟ ଆବଶ୍ୟକ ତଥା ଆପଣଙ୍କ ଗୀର୍ଜାରୁ ଶିକ୍ଷାମାନ ପ୍ରାପ୍ତ କଲେ ଆମେ ବହୁତ ଖୁସି ହେବୁ । ଆମେ, ଆପଣଙ୍କ ପାଇଁ, ଆପଣଙ୍କ ପୁଅ ସିଓନ୍ ପାଇଁ ତଥା ଆପଣଙ୍କ ଗୀର୍ଜାରେ କାର୍ଯ୍ୟରତ ସମସ୍ତଙ୍କ ପାଇଁ ପ୍ରାର୍ଥନା କରୁଛୁ। ଇଶ୍ୱର ଆପଣଙ୍କୁ ଆଶିର୍ବାଦ କରନ୍ତୁ। ସର୍ବପ୍ରଥମେ ଓ ସମସ୍ତ ସାଧ୍ୟାନୁସାରେ ଆମ ପାଇଁ ପ୍ରାର୍ଥନା କରନ୍ତୁ । ପ୍ରାର୍ଥନା, ସର୍ବଶକ୍ତିମାନ ଇଶ୍ୱରଙ୍କ ଶକ୍ତିଶାଳୀ ବାହୁକୁ ବିସ୍ତାରିତ କରିବ । ପ୍ରାର୍ଥନା ବିନା, ଆମେ କେବଳ "ଆମର ଚକ୍ରକୁ ବୁଲାଉଥାଉ ।" ଦୟାକରି ଆମର ବିଦ୍ୟାର୍ଥୀ ସ୍ୱେଚ୍ଛାସେବୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ, ଯେଉଁମାନେ ଇଶ୍ୱରଙ୍କ କାମରେ ଦୂରାନ୍ତ ଗ୍ରାମକୁ ଓ ପର୍ବତାଦିକୁ ଯାଆନ୍ତି। ସେମାନଙ୍କର ସାହସ, ବିଶ୍ୱାସ ଓ ପ୍ରେମ ବଜାୟ ରଖିବା ପାଇଁ ପ୍ରାର୍ଥନା କରନ୍ତୁ । ସଦାପ୍ରଭୁଙ୍କ ଆତ୍ମା, ଆପଣଙ୍କର ମାର୍ଗଦର୍ଶକ ଓ ନେତା ହୁଅନ୍ତୁ । ପ୍ରଭୁ, ଆପଣଙ୍କୁ ଅନେକାଂଶରେ ଆଶିର୍ବାଦ କରିବା ହୁଅନ୍ତୁ । ଆପଣଙ୍କର ଦୀର୍ଘ ଜୀବନ, ଶାନ୍ତି ଓ ସମୃଦ୍ଧି ପାଇଁ ଆମେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଖ୍ରୀଷ୍ଟଙ୍କ ପ୍ରେମରେ ଆପଣଙ୍କୁ ପ୍ରେମ କରୁଥିବା,
ଏ.ଏସ୍.
ଆକ୍ରା, ଘାନା

---

ପ୍ରିୟ ପାଷ୍ଟର ଟୋନୀ,

ମସୀହା ଶୀର୍ଷକ ଆପଣଙ୍କ ପୁସ୍ତକ ସହିତ ଦଶଟି ସୂଚନାପତ୍ର ପଠାଇଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ । ଏହି ସାମଗ୍ରୀଗୁଡ଼ିକ, ମୋ ଜୀବନରେ ଆଧ୍ୟାତ୍ମିକ ସଚେତନତା ଓ ନୂତନ ଉଦ୍ଦୀପନା ଆଣିଦେଇଛି। ମୁଁ, ଏହି ସୂଚନାପତ୍ରଗୁଡ଼ିକ ମଧ୍ୟ କିଛି ମୋର ଖ୍ରୀଷ୍ଟିଆନ୍ ବନ୍ଧୁମାନଙ୍କୁ ଦେଇଛି, ଯେଉଁମାନଙ୍କର ଆସ୍ଥା ଶୀତଳ ହୋଇଯାଇଥିଲା । ମୁଁ ଯେତେବେଳେ ସେମାନଙ୍କୁ ଭେଟକଲି, ସେମାନେ ସମସ୍ତେ ନିଜ ନିଜର ଉତ୍ସାହ ବ୍ୟକ୍ତ କଲେ, ଯେହେତୁ ଆପଣଙ୍କର ସୂଚନାପତ୍ର ପଠନର ପରିଣାମସ୍ୱରୂପ ସେମାନେ ଭଲରେ ଥିଲେ ଓ ପବିତ୍ର ଆତ୍ମାଙ୍କଠାରେ ପୁନର୍ଜୀବିତ ହୋଇଥିଲେ। ଏହି ଲୋକମାନେ ସୂଚନାପତ୍ର ପାଇଁ ପାଗଳ ହୋଇଯାଇଛନ୍ତି, ତେଣୁ ଦୟାକରି ମୋତେ ପ୍ରାୟ ୧୫୦ ସୂଚନାପତ୍ର ଏବଂ ନବ ପରିବର୍ତ୍ତିତମାନଙ୍କ ପାଇଁ କିଛି ବାଇବଲ ପଠାନ୍ତୁ, ଯେଉଁମାନେଏହାକୁ ବହୁତ ଖୋଜୁଛନ୍ତି । ମୁଁ ଅତ୍ୟନ୍ତ କୃତଜ୍ଞ ହେବି, ଯଦି ଆପଣ ସେଗୁଡ଼ିକ ମୋ ପାଖକୁ ପଠାଇବେ । ପରମେଶ୍ୱରଙ୍କ ବାକ୍ୟର ଉଚ୍ଚ ଶିକ୍ଷା ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ, ଯାହାକୁ ଦେବାପାଇଁ ଆପଣ ଏହିପରି ବିଶ୍ୱସ୍ତ ହୋଇଆସିଛନ୍ତି । ପରମେଶ୍ୱର ଇଶ୍ୱର ଆପଣଙ୍କ ଉପରେ ନିଜ ଆଶିର୍ବାଦର ବର୍ଷା କରୁଥା'ନ୍ତୁ । ବିଶ୍ୱାସ ଦ୍ୱାରା ପର୍ବତକୁ ମଧ୍ୟ ଘୁଞ୍ଚାଯାଇପାରେ ।

ଆପଣଙ୍କର,
ଟି.ଓ. କୁମାସୀ, ଘାନା

---

ପ୍ରିୟ ପାଷ୍ଟର,

ମୁଁ ଘାନାରୁ ଆପଣଙ୍କୁ ଅଭିନନ୍ଦନ ପଠାଉଛି । ଆପଣଙ୍କ ଦ୍ୱାରା ଲିଖିତ ସାହିତ୍ୟ, ମସୀହା ପାଠ କରି ମୁଁ ଆପଣଙ୍କୁ ଏହା କହିବା ପାଇଁ ବହୁତ ଉତ୍ସାହିତ ଯେ, ମୋର ବ୍ୟକ୍ତିଗତ ଉଦ୍ଧାରକର୍ତ୍ତା ଭାବେ ମୁଁ ଯୀଶୁ ଖ୍ରୀଷ୍ଟଙ୍କୁ ଗ୍ରହଣ କରିନେଇଛି ଏବଂ ସେ ଆସି ମୋ ପାଇଁ କ୍ରୁଶରେ ମୃତ୍ୟୁବରଣ କରିଛନ୍ତି । ପୂର୍ବେ, ମୁଁ ଏପରି ଏକ ଦୁନିଆରେ ବଞ୍ଚୁଥିଲି, ଯେଉଁଠାରେ ଇଶ୍ୱର କିଏ, ତାହା ମୁଁ ଜାଣିନଥିଲି କିମ୍ବା ତାଙ୍କ ପୁଅ, ମସୀହାଙ୍କୁ ମଧ୍ୟ ଚିହ୍ନିନଥିଲି । କିନ୍ତୁ, ଆପଣଙ୍କ ସାହିତ୍ୟ ପଢ଼ିବା ପରେ, ମୁଁ ଏବେ ଜାଣିବାକୁ ପାଇଲି ଯେ, ମୁଁ ଦିଗଭ୍ରଷ୍ଟ ହୋଇଯାଇଥିଲି । ହେଲେ, ଏବେ ରାସ୍ତା ପାଇଯାଇଛି । ମୁଁ ଅନ୍ଧକାରରେ ଥିଲି, ମାତ୍ର ଇଶ୍ୱର ମୋତେ ଆଲୋକକୁ ନେଇଆସିଛନ୍ତି । ତେଣୁ, ମୁଁ ଏବେ ପୁନର୍ଜନ୍ମିତ ଖ୍ରୀଷ୍ଟିଆନ ଓ ଜୀବନ୍ତ ଇଶ୍ୱରଙ୍କ ପୁତ୍ର। ବର୍ତ୍ତମାନ, ମୋ ପାଖରେ କୌଣସି ବାଇବଲ ନାହିଁ । ଯଦି ସମ୍ଭବ, ତେବେ ଦୟାକରି ଗୋଟିଏ ବାଇବଲ ସହିତ ଆପଣଙ୍କର ପୁସ୍ତକ ମସୀହା ପଠାନ୍ତୁ । ଇଶ୍ୱରଙ୍କୁ ଭଲ ଭାବରେ ଜାଣିବା ପାଇଁ ଯଦି ଆପଣ ଆଉକିଛି ପୁସ୍ତକ ପଠାଇପାରନ୍ତେ, ତେବେ ବହୁତ ଭଲ ହୁଅନ୍ତା । କୋଫୋରିଡୁଆରେ ଥିବା ପେଣ୍ଟାକୋଷ୍ଟାଲ୍ ଗୀର୍ଜାକୁ ମୁଁ ଏବେ ଯାଉଛି । ଆପଣ କରୁଥିବା ଉତ୍ତମ କାମ ପାଇଁ ପ୍ରଭୁ ସଦାପ୍ରଭୁ ଆପଣଙ୍କୁ ଅନେକ ଆଶିର୍ବାଦ କରନ୍ତୁ ।

ଆପଣଙ୍କ ବିଶ୍ୱସ୍ତ,
ଡି.ଏଫ୍.
କୋଫୋରିଡୁଆ, ଘାନା

## ଟୋଗୋ

ଖ୍ରୀଷ୍ଟଙ୍କ ପ୍ରିୟ ପାଷ୍ଟର,

ଆପଣଙ୍କ ଚିଠି ପାଇ ଆମେ ବହୁତ ଆନନ୍ଦିତ । ଆପଣ ପଠାଇଥିବା ସାହିତ୍ୟ ପାଇଁ ଆମେ ବହୁତ ଖୁସି । ଇଶ୍ୱର ପ୍ରକୃତରେ ଏଥିମଧ୍ୟରେ କାମ କରୁଛନ୍ତି । ଆପଣଙ୍କର ପୁସ୍ତିକା ମାଧ୍ୟମରେ ପ୍ରଭୁ ଯୀଶୁଙ୍କ ପାଖକୁ ଆସିଥିବା ୧୫ଟି ଆତ୍ମାକୁ ଆମେ ଜିଣିପାରିଛୁ। ଆପଣ ସମସ୍ତଙ୍କୁ ଇଶ୍ୱର ଆଶିର୍ବାଦ କରନ୍ତୁ ବୋଲି ଆମର ପ୍ରାର୍ଥନା ।

ନବ ପରିବର୍ତ୍ତିତମାନଙ୍କ ପାଇଁ ବାଇବଲ ସମେତ ଆମକୁ ସିଡି ମଧ୍ୟ ଆବଶ୍ୟକ । ବର୍ତ୍ତମାନ ସମୟରେ ଜିନିଷ ଯେପରି ଅଛି, ଆମେ ସେଗୁଡ଼ିକୁ କିଣିପାରିବୁ ନାହିଁ। ଟୋଗୋ ଗୋଟିଏ ଅତ୍ୟନ୍ତ ଗରିବ ଦେଶ ।

ଇଷ୍ଟର ଯାତ୍ରା ପାଇଁ ସିଡି ଓ ବାଇବଲ ପ୍ରାପ୍ତ କରିବା ଅପେକ୍ଷାରେ ଆମେ ରହିଲୁ ।

ଯୀଶୁଙ୍କ ନାମରେ ଆଶିର୍ବାଦିତ ରୁହନ୍ତୁ, ଆମେନ୍ ।
ଭ୍ରାତା. ହେନରୀ ଜେମ୍ସ
ଲୋମ୍, ଟୋଗୋ

## ନାଇଜେରିଆ

ପ୍ରିୟ ପାଷ୍ଟର,

ପ୍ରଭୁ ଯୀଶୁ ଖ୍ରୀଷ୍ଟ ନାମରେ ଅଭିନନ୍ଦନ । ଆମେନ୍ । ଆପଣ ଗତଥର ପଠାଇଥିବା ସମସ୍ତ ସୂଚନାପତ୍ରଗୁଡ଼ିକୁ ବାଣ୍ଟିଦିଆଯାଇଛି । ଲୋକମାନଙ୍କ ଜୀବନରେ ଏହା, ପରିବର୍ତ୍ତନ ଆଣୁଥିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେମାନେ, ହୃଦୟର ଗଭୀରତାର ସହ ଇଶ୍ୱରଙ୍କ ସେବା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏବଂ କେତେକ ଆପଣଙ୍କୁ ପତ୍ର ଲେଖିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ମୋତେ ଦୟାକରି ୨୫ଟି ମସୀହା ପୁସ୍ତକ, ୧୫୦ଟି ବିଭିନ୍ନ ସୂଚନାପତ୍ର, କିଛି ବାଇବଲ ଓ ଅନ୍ୟ ଯେକୌଣସି ସାହିତ୍ୟ ପଠାନ୍ତୁ, ଯାହା ମୋତେ ସୁସମାଚାର ବାଣ୍ଟିବାରେ ସାହାଯ୍ୟ କରିବ । ମୋ ସାଙ୍ଗ, ପରିବାର ସଦସ୍ୟ ଓ ଅନ୍ୟାନ୍ୟ ଆଗ୍ରହୀ ଲୋକମାନଙ୍କୁ, ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ବିଷୟରେ ଅଧିକ ଜାଣିବାକୁ ଚାହୁଁଛନ୍ତି, ସେମାନଙ୍କୁ ମଧ୍ୟ ମୁଁ ଏହିସବୁ ପୁସ୍ତକ ଦେବାକୁ ଚାହୁଁଛି । ମୁଁ ଏଠାରେ, ନାଇଜେରିଆରେ, ଆପଣଙ୍କର ଜଣେ ସହଯୋଗୀ ହେବାକୁ ଚାହୁଁଛି । ଏଥିପାଇଁ ମୋତେ କ'ଣ କରିବାକୁ ହେବ? ଆପଣଙ୍କ ଗୀର୍ଜା ଉପରେ ଇଶ୍ୱରଙ୍କ ହାତ ଥିବାର ମୁଁ ଦେଖିଛି । ଆପଣ ଓ ଆପଣଙ୍କ ଗୀର୍ଜା ଉପରେ ଥିବା ପ୍ରଭୁଙ୍କର ସେହି ହାତକୁ ମୁଁ ନିଜ ଉପରେ ମଧ୍ୟ ଚାହୁଁଛି । ଆପଣଙ୍କ ଉତ୍ତର ପ୍ରତୀକ୍ଷାରେ ।

ଇଶ୍ୱରଙ୍କଠାରେ ଆପଣଙ୍କର,
ଆର୍.ଏମ୍.
ପୋର୍ଟ ହାର୍କୋର୍ଟ, ନାଇଜେରିଆ

https://twitter.com/tonyalamominist
https://www.youtube.com/user/PastorTonyAlamo
https://www.facebook.com/pages/TONY-ALAMO-Christian-Ministries/729439147079523?fref=ts

# ଟୋନୀ ଆଲାମୋଙ୍କ ସାକ୍ଷ୍ୟ

(୨ ପୃଷ୍ଠାରୁ ଜାରି)

ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର |"୩୦ (ସମସ୍ତ ଆତ୍ମିକ ଭାବେ ମୃତତୁଲ୍ୟ ଶୁଷ୍କ ଅସ୍ଥିମାନଙ୍କୁ କୁହ, ଯେଉଁଥିରୁ ସେମାନେ "ପ୍ରଭୁଙ୍କ ବାକ୍ୟ ଶୁଣିପାରିବେ |"୩୧)

"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ |"୩୨

ଯଦି ତୁମ୍ଭେମାନେ ମୋ ପରି ଓ ଦଣ୍ଡାଜ୍ଞା ବଦଳରେ ପରିତ୍ରାଣ ପାଇବାକୁ ଚାହଁ, ତେବେ ଏହି ପ୍ରାର୍ଥନା କର:

**ହେ ପରମେଶ୍ୱର ହେ ମୋ ଈଶ୍ୱର, ଏହି ଅଧର୍ମୀ ଉପରେ ଆପଣା ସ୍ନେହପୂର୍ଣ୍ଣ କରୁଣାନୁସାରେ ଦୟାକର |[୩୩] ମୁଁ ବିଶ୍ୱାସ କରେ ଯେ, ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ଜୀବନ୍ତ ଈଶ୍ୱରଙ୍କ ପୁତ୍ର|[୩୪] ମୁଁ ବିଶ୍ୱାସ କରେ ଯେ, ସେ କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିଥିଲେ, ତାଙ୍କର ଅମୂଲ୍ୟ ରକ୍ତ ମୋହର ସମସ୍ତ ପୂର୍ବ ପାପଗୁଡ଼ିକର କ୍ଷମା ପାଇଁ ଅଟେ |[୩୫] ମୁଁ ବିଶ୍ୱାସ କରେ ଯେ, ଈଶ୍ୱର, ପବିତ୍ର ଆତ୍ମାଙ୍କ ଶକ୍ତି ବଳରେ ଯୀଶୁଙ୍କୁ ମୃତ୍ୟୁରୁ ଉତ୍ଥିତ କଲେ,[୩୬] ଓ ଏହିକି ଯେ, ସେ ଈଶ୍ୱରଙ୍କ ଦକ୍ଷିଣ ପଟେ ଉପବିଷ୍ଟ କରନ୍ତି, ଯିଏ ଏହି ସମୟରେ ମୋ ପାପର ସ୍ୱୀକୋରୋକ୍ତି ଓ ଏହି ପ୍ରାର୍ଥନା ଶୁଣୁଛନ୍ତି |[୩୭] ହେ ପ୍ରଭୁ ଯୀଶୁ, ମୁଁ ହୃଦୟର ଦ୍ୱାର ଖୋଲି, ସେଥିମଧ୍ୟକୁ ଆପଣଙ୍କୁ ନିମନ୍ତ୍ରଣ କରୁଛି|[୩୮] ମୋର ସମସ୍ତ ପାପାକୁ ସେହି ଅମୂଲ୍ୟ ରକ୍ତରେ ଧୋଇଦିଅନ୍ତୁ ଯାହାକୁ ଆପଣ କାଲଭରୀ କ୍ରୁଶ ଉପରେ ମୋ ସ୍ଥାନରେ ବୁହାଇଥିଲେ |[୩୯] ହେ ପ୍ରଭୁ ଯୀଶୁ ମୁଁ ଜାଣିଛି ଯେ, ଆପଣ ମୋତେ ନିରାଶ କରିବେ ନାହିଁ; ଆପଣ ମୋର ପାପଗୁଡ଼ିକୁ କ୍ଷମା କରିବେ ଓ ମୋ ଆତ୍ମାକୁ ଉଦ୍ଧାର କରିବେ | ମୁଁ ଏହା ଜାଣିଛି, କାରଣ ଆପଣଙ୍କ ଶବ୍ଦ, ବାଇବଲ ଏହିପରି କୁହେ |[୪୦] ଆପଣଙ୍କ ଶବ୍ଦ କୁହେ ଯେ, ଆପଣ କାହାକୁ ନିରାଶ କରନ୍ତି ନାହିଁ, ଆଉ ସେଥିରେ ମୁଁ ବି ଅଛି |[୪୧] ସେଥିପାଇଁ, ମୁଁ ଜାଣିଛି ଯେ, ଆପଣ ମୋତେ ଶୁଣିଛନ୍ତି ଓ ମୁଁ ଏହା ମଧ୍ୟ ଜାଣେକି ଆପଣ ମୋତେ ଉତ୍ତର ଦେଇଛନ୍ତି ଓ ମୁଁ ଏହା ମଧ୍ୟ ଜାଣିଛି ଯେ, ଆପଣ ମୋତେ ଉଦ୍ଧାର କରିଛନ୍ତି |[୪୨] ହେ ପ୍ରଭୁ ଯୀଶୁ, ମୁଁ ଆପଣଙ୍କୁ, ମୋ ଆତ୍ମାକୁ ଉଦ୍ଧାର କରିଥିବାରୁ ଧନ୍ୟବାଦ ଦେଉଛି ଏବଂ ଆପଣଙ୍କ ଆଦେଶ ପାଳନ କରି ଓ ଆଉ କେବେବି ପାପ ନକରି ମୁଁ ଆପଣଙ୍କୁ ମୋର କୃତଜ୍ଞତା ଜଣାଇବି |[୪୩]**

ପରିତ୍ରାଣ ପରେ, ପିତାଙ୍କ ନାମରେ ଓ ପୁତ୍ରଙ୍କ ନାମରେ ଓ ପବିତ୍ର ଆତ୍ମାଙ୍କ ନାମରେ ଜଳରେ ସମ୍ପୂର୍ଣ୍ଣ ଭାବେ ବୁଡ଼ିକରି ବାପ୍ତିଜିତ ହେବାକୁ ଯୀଶୁ କହିଲେ |[୪୪] କଠିନ ପରିଶ୍ରମ କରି KJV ବାଇବଲ ପଢ଼ ଓ ତାହା ଯାହା କହେ, ତାହା କର |[୪୫]

ନିଜ ପରିତ୍ରାଣ ବିଷୟରେ ଅନ୍ୟମାନଙ୍କୁ ଆପଣ କୁହନ୍ତୁ ବୋଲି ପରମେଶ୍ୱର ଚାହାଁନ୍ତି | ପାଷ୍ଟର୍ ଟୋନୀ ଆଲାମୋଙ୍କ ସୁସମାଚାର ସାହିତ୍ୟର ଆପଣ ଜଣେ ବିତରକ ହୋଇପାରିବେ | ଆମେ ମାଗଣାରେ ଆପଣମାନଙ୍କୁ ସାହିତ୍ୟ ପୁସ୍ତିକା ପଠାଇବୁ | ଅଧିକ ସୂଚନା ପାଇଁ ଆମକୁ କଲ୍ କରନ୍ତୁ କିମ୍ବା ଇମେଲ୍ କରନ୍ତୁ | ଅନ୍ୟ ଯେକୌଣସି ବ୍ୟକ୍ତିକୁ ଏହି ବାର୍ତ୍ତା ବିଷୟରେ କୁହନ୍ତୁ |

ପ୍ରଭୁ ଯୀଶୁଙ୍କ ଆଜ୍ଞାନୁସାରେ, ଯଦି ଆପଣ ଚାହାଁନ୍ତି କି ଏହି ସଂସାରର ଉଦ୍ଧାର ହେଉ, ତେବେ ଈଶ୍ୱରଙ୍କ ଦଶମାଂଶ ଓ ନୈବେଦ୍ୟକୁ ଚୋରି କରନ୍ତୁ ନାହିଁ | ପ୍ରଭୁ କୁହନ୍ତି, "ମନୁଷ୍ୟ କି ପରମେଶ୍ୱରଙ୍କ ଦ୍ରବ୍ୟ ଚୋରି କରିବ?" ତଥାପି ତୁମ୍ଭେମାନେ ଆମ୍ଭର ଦ୍ରବ୍ୟ ଚୋରୀ କରୁଅଛ | ମାତ୍ର ତୁମ୍ଭେମାନେ କହୁଅଛ, ଆମେମାନେ କିରୂପେ ତୁମ୍ଭର ଦ୍ରବ୍ୟ ଚୋରି କରିଅଛୁ? ଦଶମାଂଶରେ ଓ ନୈବେଦ୍ୟରେ | ତୁମ୍ଭେମାନେ ଅଭିଶାପରେ ଶାପଗ୍ରସ୍ତ ହୋଇଅଛ; କାରଣ ତୁମ୍ଭେମାନେ, ହଁ, ଏହିସବୁ ଗୋଷ୍ଠୀ [ଓ ଏହି ସମସ୍ତ ସଂସାର] ଆମ୍ଭର ଦ୍ରବ୍ୟ ଦ୍ରବ୍ୟ ଚୋରି କରୁଅଛ | ଆମ୍ଭର ଗୃହରେ [ଉଦ୍ଧାରପ୍ରାପ୍ତ ଆତ୍ମା] ଯେପରି ଖାଦ୍ୟ ରହିବ [ଆତ୍ମିକ ଖାଦ୍ୟ], ଏଥିପାଇଁ ତୁମ୍ଭେମାନେ ଆମ୍ଭର ଭଣ୍ଡାରକୁ ସମ୍ପୂର୍ଣ୍ଣ ଦଶମାଂଶ [ଏକ ଦଶମାଂଶ ହେଉଛି ଆପଣଙ୍କର ଆୟର ୧୦%], ଆଉ ଆମ୍ଭର ଆକାଶସ୍ଥ ଦ୍ୱାର ସବୁ ମୁକ୍ତ କରି ରଖିବା ପାଇଁ ସ୍ଥାନ ନିଅଣ୍ଟ ହେବା ପର୍ଯ୍ୟନ୍ତ ତୁମ୍ଭମାନଙ୍କ ଉପରେ ଆଶିର୍ବାଦ ରୂପ ବୃଷ୍ଟି ବର୍ଷାଇବା କି ନାହିଁ , ଏତଦ୍ ବିଷୟରେ ଏବେ ଆମ୍ଭର ପରୀକ୍ଷା ନିଅ | ପୁଣି, ଆମ୍ଭେ ତୁମ୍ଭ ସକାଶୁ ଗ୍ରାସକାରୀକି ଧମକାଇବା, ତହିଁରେ ସେ ତୁମ୍ଭମାନଙ୍କର ଭୂମିର ଫଳ ନଷ୍ଟ କରିବ ନାହିଁ, କିଅବା କ୍ଷେତ୍ରରେ ତୁମ୍ଭମାନଙ୍କର ଦ୍ରାକ୍ଷାଲତାର ଫଳ ଅକାଳରେ ଝଡ଼ିବ ନାହିଁ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି | ଯାବତୀୟ ଗୋଷ୍ଠୀ ତୁମ୍ଭମାନଙ୍କୁ ସୁଖୀ କହିବେ, କାରଣ ତୁମ୍ଭେମାନେ ଏକ ମନୋହର ଦେଶ ହେବ, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି" (ମଲାଖି ୩:୮-୧୨)

---

ରୋମୀ. ୩:୧୦-୧୨, ୨୩, ୩୪ ମାଥି. ୨୬:୬୩-୬୪, ୨୭:୫୪, ଲୂକ ୧:୩୦-୩୩, ଯୋହ. ୯:୩୫-୩୭, ରୋମୀ. ୧:୩-୪, ୩୫ ପ୍ରେରି. ୪:୧୨, ୨୦:୨୮, ରୋମୀ. ୩:୨୫, ୧ ଯୋହ. ୧:୧୭, ପ୍ର. ବା. ୫:୯ ୩୬ ଗୀତ. ୧୬:୯-୧୦, ମାଥି. ୨୮:୫-୭, ମାର୍କ ୧୬:୯, ୧୨, ୧୪, ଯୋହ. ୨:୧୯, ୨୧, ୧୦:୧୭-୧୮, ୧୧:୨୫, ପ୍ରେରି. ୨:୨୪, ୩:୧୫, ରୋମୀ. ୮:୧୧, ୧ କରି. ୧୫:୩-୭, ୩୭ ଲୂକ ୨୨:୬୯, ପ୍ରେରି. ୨:୨୫-୩୬, ଏବ୍ରୀ. ୧୦:୧୨-୧୩ ୩୮ ୧ କରି. ୩:୧୬, ପ୍ର.ବା. ୩:୨୦ ୩୯ ଏଫି. ୨:୧୩-୨୨, ଏବ୍ରୀ. ୯:୨୨, ୧୩:୧୨, ୨୦-୨୧, ୧ ଯୋହ ୧:୭, ପ୍ର.ବା. ୧:୫, ୭:୧୪, ୪୦ ମାଥି. ୨୬:୨୮, ପ୍ରେରି. ୨:୨୧, ୪:୧୨, ଏଫି. ୧:୭, କଲ. ୧:୧୪, ୪୧ ମାଥି. ୨୧:୨୨, ଯୋହ ୬:୩୫, ୩୭-୪୦, ରୋମୀ. ୧୦:୧୩ ୪୨ ଏବ୍ରୀ. ୧୧:୬ ୪୩ ଯୋହ. ୫:୧୪, ୮:୧୧, ରୋମୀ. ୬:୪, ୧ କରି. ୧୫:୧୦, ପ୍ର.ବା. ୭:୧୪, ୨୨:୧୪ ୪୪ ମାଥି. ୨*:୧୮-୨୦, ଯୋହ ୩:୫, ପ୍ରେରି. ୨:୩୮, ୧୯:୩-୫ ୪୫ ଦ୍ୱି.ବି. ୪:୨୯, ୧୩:୪, ୨୬:୧୬, ଯିହୋ. ୧:୮, ୨୨:୫, ୨ ତୀମଥି. ୨:୧୫, ୩:୧୪-୧୭, ଯାକୁ. ୧:୨୨-୨୫, ପ୍ର.ବା. ୩:୧୮


*ଆଗ୍ରହର ବିଷୟ ଉପରେ ସାହିତ୍ୟ ପାଇଁ କିମ୍ବା ଅଧିକ ସୂଚନା ପାଇଁ ଦୟାକରି ଆମକୁ ଯୋଗାଯୋଗ କରନ୍ତୁ*
*ଟୋନୀ ଆଲାମୋ, ବିଶ୍ୱ ପାଷ୍ଟର, ଟୋନୀ ଆଲାମୋ ବିଶ୍ୱବ୍ୟାପୀ ଖ୍ରୀଷ୍ଟିଆନ ଗୀର୍ଜା*
*ପୋଷ୍ଟ ବକ୍ସ ୨୯୪୮, ହଲିଉଡ୍, କାଲିଫର୍ନିଆ ୯୦୦୭୮*
*ଚବିଶ ଘଣ୍ଟିଆ ପ୍ରାର୍ଥନା ଓ ସୂଚନା ଲାଇନ୍ : (୬୬୧) ୨୫୨-୫୬୮୬ . ଫ୍ୟାକ୍ସ (୬୬୧) ୨୫୨-୪୩୬୨*
*www.alamoministries.com • info@alamoministries.com*


*ବିଶ୍ୱବ୍ୟାପୀ ଟୋନୀ ଆଲାମୋ ଖ୍ରୀଷ୍ଟିଆନ ଗୀର୍ଜା ସଂଯୁକ୍ତ ରାଜ୍ୟରେ ସେହି ସମସ୍ତଙ୍କ ପାଇଁ ସାରା ଜୀବନ ନିମନ୍ତେ*
*ଏପରି ସ୍ଥାନ ଓ ସମସ୍ତ ସୁବିଧା ପ୍ରଦାନ କରୁଛି, ଯେଉଁମାନେ ପ୍ରକୃତରେ ନିଜର ହୃଦୟ, ମନ ଓ ଶକ୍ତି*
*ସହିତ ଈଶ୍ୱରଙ୍କ ସେବା କରିବାକୁ ଚାହାଁନ୍ତି |*
*ପ୍ରତ୍ୟେକ ମଙ୍ଗଳବାର ରାତି ୮ଟା ସମୟରେ ନ୍ୟୁୟର୍କ ସହରରେ ଓ ଅନ୍ୟ ସ୍ଥାନମାନଙ୍କରେ ରାତିରେ ଆରାଧନା ବିଧି କରାଯାଏ |*
*ଅଧିକ ସୂଚନା ପାଇଁ ଦୟାକରି (୯୦୮) ୯୩୭-୫୭୨୩କୁ କଲ୍ କରନ୍ତୁ ପ୍ରତ୍ୟେକ ଆରାଧନା ପରେ ଖାଦ୍ୟ ପରିବେଷଣ କରାଯାଏ |*
*ପାଷ୍ଟର ଆଲାମୋଙ୍କ ପୁସ୍ତକ, ମସୀହା ପ୍ରାପ୍ତ କରିବା ପାଇଁ ଆମକୁ ସମ୍ପର୍କ କରନ୍ତୁ*
*ଏହି ପୁସ୍ତକରେ କୁହାଯାଇଛି ଯେ, ପୁରାତନ ନିୟମରେ ମସୀହାଙ୍କ ଦ୍ୱାରା କରାଯାଇଥିବା ୩୩୩ରୁ ଅଧିକ ଭବିଷ୍ୟବାଣୀକୁ ଯୀଶୁ କିପରି ପୂରଣ କରିଛନ୍ତି |*
*ପାଷ୍ଟର ଆଲାମୋଙ୍କର ସାହିତ୍ୟର ବିତରକ ହୋଇ ଆତ୍ମାଗୁଡ଼ିକର ଉଦ୍ଧାରରେ ନିଜ ଶ୍ରମଦାନ କରନ୍ତୁ |*
*ପରିବହନ ସମେତ ଆମର ସମସ୍ତ ସାହିତ୍ୟ ଓ ଅଡ଼ିଓ ବାର୍ତ୍ତା ନିଃଶୁଳ୍କ ଅଟେ |*
*ସେଗୁଡ଼ିକ ପାଇଁ ଯଦି କେହି ଆପଣଙ୍କଠାରୁ ମୂଲ୍ୟ ଆଦାୟ କରିବାକୁ ଚେଷ୍ଟା କରେ, ତେବେ ଦୟାକରି (୬୬୧) ୨୫୨-୫୬୮୬କୁ କଲ୍ କରି ଆମକୁ ଜଣାନ୍ତୁ |*
*ଏହି ସାହିତ୍ୟ, ପରିତ୍ରାଣର ପ୍ରକୃତ ଯୋଜନା (ପ୍ରେରିତ ୪:୧୨) ବହନ କରେ |*
*ଏହାକୁ ଫୋପାଡ଼ନ୍ତୁ ନାହିଁ, ବରଂ ଅନ୍ୟ କାହାକୁ ଦେଇଦିଅନ୍ତୁ |*
*ଯଦି ଆପଣ ଅନ୍ୟ ଦେଶରେ ରୁହନ୍ତି, ତେବେ ଆମେ ଆପଣଙ୍କୁ ଉତ୍ସାହିତ କରୁଛୁକି, ଏହି ସାହିତ୍ୟକୁ ଆପଣ*
*ନିଜ ମାତୃଭାଷାରେ ଅନୁବାଦ କରନ୍ତୁ | ଯଦି ଆପଣ ଏହାକୁ ପୁନଃମୁଦ୍ରିତ କରିବାକୁ ଚାହାଁନ୍ତି, ତେବେ ଦୟାକରି ଏହି ସ୍ୱତ୍ୱାଧିକାର ଓ ପଞ୍ଜୀକରଣକୁ ଅନ୍ତର୍ଭୁକ୍ତ କରନ୍ତୁ:*


*© ସ୍ୱତ୍ୱାଧିକାର ନଭେମ୍ବର ୧୯୯୫, ୨୦୧୨, ୨୦୧୩, ୨୦୧୪ ସର୍ବସ୍ୱତ୍ୱ ସଂରକ୍ଷିତ ବିଶ୍ୱ ପାଷ୍ଟର ଟୋନୀ ଆଲାମୋ*
*® ପଞ୍ଜୀକୃତ ନଭେମ୍ବର ୧୯୯୫, ୨୦୧୨, ୨୦୧୩, ୨୦୧୪*